ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ
Vol.26 . No.298 Bhubaneswar Sunday January 14 2024 | ୨୬ତମ ବର୍ଷ ସଂଖ୍ୟା-୨୯୮ ଭୁବନେଶ୍ୱର ରବିବାର, ଜାନୁଆରୀ ୧୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ୪ ନେତାଙ୍କୁ ବିଜେଡିର ଗ୍ରୀନ୍ ସିଗନାଲ୍: ସମ୍ବଲପୁରରୁ ଲୋକସଭା ଲଢ଼ିବେ ବବି, କନଫର୍ମ କଲା ତାଙ୍କ ଅଫିସ୍

ଭୁବନେଶ୍ୱର,୧୩।୧(ପି.ଏନ):ବିଜେଡିର ସଂଗଠନ ସମ୍ପାଦକ ପ୍ରଣବପ୍ରକାଶ ଦାସ(ବବି) ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ ହେବେ । ଗଣମାଧ୍ୟମରେ ଏଭଳି ଚର୍ଚ୍ଚା ଉପରେ ଆଜି ବବିଙ୍କ ଅଫିସ୍ ମୋହର ଲଗାଇଛି । କେବଳ ସମ୍ବଲପୁର ନୁହେଁ ବ୍ରହ୍ମପୁର, କନ୍ଧମାଳ ଓ ଭୁବନେଶ୍ୱର ଲୋକସଭା ଆସନରେ ବିଜେଡି ନିଜର ପ୍ରାର୍ଥୀଙ୍କୁ ଏବେଠୁ ପ୍ରଚାର ଅଭିଯାନ ଜୋରଦାର କରିବାକୁ ଗ୍ରୀନ୍ ସିଗନାଲ ଦେଇଥିବା ଜଣାପଡିଛି ।ସୂଚନା ଅନୁସାରେ, ସମ୍ବଲପୁର ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପ୍ରଣବପ୍ରକାଶ ଗତକାଲି ଶୁକ୍ରବାର ସିଧାସଳଖ ନହେଲେ ବି ବୁଲେଇବଙ୍କ ?ଇ ସମ୍ବଲପୁର ଲୋକସଭା ଆସନରୁ ଲଢ଼ିପାରନ୍ତି ବୋଲି ଇସାରା ଦେଇଥିଲେ । ସମ୍ବଲପୁରରେ ତାଙ୍କର ଘର ଥିଲା,



ତାଙ୍କ ବାପା ସେଠାରେ ରହୁଥିଲେ । ମୁଖ୍ୟମନ୍ତ୍ରୀଙ୍କର ସେ ଏକ ନମ୍ବର କର୍ମୀ ଆଉ ଏକ ନମ୍ବର ଯୋଦ୍ଧା । ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁଠୁ ଲଢ଼ିବାକୁ ଆଦେଶ କରିବେ ସେ ସେଠାରେ ଲଢ଼ିବେ ବୋଲି କହିଥିଲେ । ଇସାରା ଇସାରାରେ ବବି କହିଥିବା ଏହି କଥାକୁ ଗଣମାଧ୍ୟମ ଆଜି ଖବର ଆକାରରେ ପ୍ରକାଶ କରିଥିଲା ।

# ମନ୍ଦିରରୁ ମା' ତାରିଣୀଙ୍କ ପିତ୍ତଳ ପ୍ରତିମା ଲୁଟ୍

ଜଳେଶ୍ୱର,୧୩।୧(ପି.ଏନ): ଭୋଗରାଇ କାନପୁର ଗାଁ ସ୍ଥିତ ତାରିଣୀ ମନ୍ଦିରରୁ ଚୋରୀ ହେବା ଘଟଣା ସାମ୍ନାକୁ ଆସିଛି । ବିଳମ୍ବିତ ରାତିରେ ମା' ତାରିଣୀଙ୍କ ପିତ୍ତଳ ନିର୍ମିତ ପ୍ରତିମାକୁ କିଛି ଦୁର୍ବୃତ୍ତ ନେଇଥିବା ଜଣାପଡିଛି । ସେମାନେ ମନ୍ଦିର ଦାନ ବାକରୁ ଲକ୍ଷାଧିକ ଟଙ୍କା ସହ ଠାକୁରାଣୀଙ୍କ ସୁନା ଅଳଙ୍କାର ମଧ୍ୟ ଲୁଟି ନେଇଛନ୍ତି । ଏହି ଘଟଣାକୁ ନେଇ ଉକ୍ତ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହା ଗ୍ରାମବାସୀଙ୍କ ମନରେ ଆଘାତ ଦେଇଥିବାରୁ



ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।
ତେବେ ଦିନକୁ ଦିନ ଚୋରୀ, ଲୁଟ୍‌ମାର, ଛିନତାଇ ଭଳି ଘଟଣା ସାଧାରଣ ଜନତାଙ୍କ ସହ ପୋଲିସର ମୁଣ୍ଡ ବ୍ୟଥାର କାରଣ ପାଲଟିଛି ।

# ୮ମ ଥରପାଇଁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କୁ ଇଡ଼ିର ସମନ

ରାଞ୍ଚି,୧୩।୧(ପି.ଏନ): ଅର୍ଥ ହେରଫେର ମାମଲାରେ ଇଡି ପୁଣିଥରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ସମନ କରିଛି । ଇଡି ହେମନ୍ତ ସୋରେନଙ୍କୁ ଏକ ଚିଠି ପଠାଇ ହାଜର ହେବାକୁ ଏକ ନୂଆ ଡେଡଲାଇନ୍ ଦେଇଛି । ତେବେ ସମନ ସତ୍ତ୍ୱେ ସେ କାହିଁକି ହାଜର ହେଉନାହାଁନ୍ତି ବୋଲି ଇଡି ପ୍ରଶ୍ନ କରିଛି ।ଇଡି ହେମନ୍ତ ସୋରେନଙ୍କୁ ଜାନୁଆରୀ ୧୬ରୁ ୨୦ ତାରିଖ ଯାଏଁ କାର୍ଯ୍ୟାଳୟରେ ହାଜର ହେବାକୁ କହିଛି । ଖାସ୍ କଥା ହେଉଛି ହେମନ୍ତଙ୍କୁ ଅଷ୍ଟମ ଥର ପାଇଁ ଇଡି ସମନ କରିଛି । ଏହାପୂର୍ବରୁ ହେମନ୍ତ ସୋରେନ ସପ୍ତମ ଥର ପାଇଁ ଇଡି ଦ୍ୱାରା ଡକାଯାଇଥିବା ସତ୍ତ୍ୱେ ହାଜର ହୋଇନଥିଲେ ।ଇଡି ଦ୍ୱାରା ସପ୍ତମ



ଥର ପାଇଁ ଜାରି ହୋଇଥିବା ସମନର ଶେଷ ତାରିଖ ଥିଲା ଡିସେମ୍ବର ୩। ସୋରେନ୍ ଆଜି ପର୍ଯ୍ୟନ୍ତ ଇଡି ଆଗରେ ହାଜର ହୋଇନାହାଁନ୍ତି । ୧୪ ଅଗଷ୍ଟ ୨୦୨୩ରେ ଇଡି ପକ୍ଷରୁ ତାଙ୍କୁ ପ୍ରଥମ ସମନ ପଠାଯାଇଥିଲା । ସୋରେନ୍ ପ୍ରଥମେ ସୁପ୍ରିମକୋର୍ଟ ଏବଂ ପରେ ଝାଡଖଣ୍ଡ ହାଇକୋର୍ଟରେ ଇଡିର ତଦନ୍ତ ଉପରେ ରୋକ ଲଗାଇବାକୁ ଦାବି କରିଥିଲେ । ତେବେ ସୋରେନଙ୍କ ଆବେଦନକୁ ଉଭୟ କୋର୍ଟ ଖାରଜ କରିଥିଲେ ।

# ଆସାମ ମୁଖ୍ୟମନ୍ତ୍ରୀଙ୍କ ଦମ୍ଭୋକ୍ତି: ଓଡିଶାରେ ବିଜେପି ଗଢ଼ିବ ସରକାର, ଶପଥ ସମାରୋହକୁ ଆସିବି

ଭୁବନେଶ୍ୱର,୧୩।୧(ପି.ଏନ): ଓଡିଶାରେ ବିଜେପି ସରକାର ଗଢ଼ିବ । ଆଉ ଶପଥ ସମାରୋହରେ ସାମିଲ ହେବାକୁ ପୁଣିଥରେ ଓଡିଶା ଆସିବି । ଆଜି ଏଭଳି ଦମ୍ଭୋକ୍ତି ବାଢ଼ିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା । 'ଓଟିଭି'ର ଫୋରସାଇଟ୍ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଓଡିଶା ଆସିଥିବା ଆସାମ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱଶର୍ମା ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ଯାଇଥିଲେ ।ସେଠାରେ ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଓ ବରିଷ୍ଠ ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ସମେତ ବରିଷ୍ଠ ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ବିଶ୍ୱଶର୍ମା କହିଛନ୍ତି ଯେ, ବିଜେପି




ରାଜ୍ୟ କାର୍ଯ୍ୟାଳୟ ହେଉଛି ମୋ ପାଇଁ ମନ୍ଦିର । ସେଥିପାଇଁ ଦର୍ଶନ କରିବାକୁ ଆସିଥିଲି । ବିଜେପି ଆଗାମୀ ନିର୍ବାଚନରେ ରାଜ୍ୟରେ ଭଲ ପ୍ରଦର୍ଶନ କରିବ ବୋଲି ଯୁକ୍ତି ବାଢ଼ି କହିଥିଲେ ଯେ, ୨୦୧୯ ନିର୍ବାଚନରେ ବିଜେପିକୁ ଲୋକସଭାରେ ୩୮ପ୍ରତିଶତ, ବିଧାନସଭାରେ ୩୨ ପ୍ରତିଶତ ଲୋକ ଭୋଟ ଦେଇଥିଲେ । ଯଦି ଓଡିଶାରେ ନବୀନ ବ୍ରାଣ୍ଡ ଅଛି ତାହାଲେ ବିଜେପିକୁ ୩୮ପ୍ରତିଶତ ଭୋଟ କେମିତି ମିଳିଲା ?

## ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା: ୩ ମୃତ, ୨ ଗୁରୁତର



ଭୁବନେଶ୍ୱର,୧୩।୧(ପିଏନ):ମୟୂରଭଞ୍ଜ ଜିଲ୍ଲା ଘାଘରବେଡା ଥାନା ଅନ୍ତର୍ଗତ ଶଙ୍କରପୁର ନିକଟରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି । ଏଥିରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି ।ଘଟଣାସ୍ଥଳରେ ହିଁ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା ବୋଲି ଘାଘରବେଡା ଥାନା ଅଧିକାରୀ କହିଛନ୍ତି । ଗୁରୁତର ଥିବା ୨ ଜଣଙ୍କୁ କେନ୍ଦୁଝର ଜିଲ୍ଲା ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୁଲିସ୍ ଘଟଣାର ତଦନ୍ତ କରୁଛି ।

# ନୀଳଗିରିକୁ ଗଡିଲା ଯାତ୍ରୀବାହୀ ଟ୍ରେନ୍, ଶୁଭାରମ୍ଭ କଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ



ବାଲେଶ୍ୱର,୧୩।୧(ପି.ଏନ): ଦୀର୍ଘଦିନର ଅପେକ୍ଷାର ଅନ୍ତ । ବାଲେଶ୍ୱର ଜିଲ୍ଲା ନୀଳଗିରିକୁ ଗଡ଼ିଲା ଯାତ୍ରୀବାହୀ ଟ୍ରେନ୍ । ପତାକା ଦେଖାଇ ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଯାହାକୁ ନେଇ ବିଭିନ୍ନ ମହଲରେ ଖୁସି ପ୍ରକାଶ ପାଇଥିବା ବେଳେ ଅନେକ ଲୋକ ସେଠାରେ ଏକାଠି ହୋଇଛନ୍ତି । ନୀଳଗିରି ବ୍ଲକ୍ ଗୋପୀନାଥପୁର ଯାଏ ମାଲ୍‌ବାହୀ ଟ୍ରେନ୍ ଚାଲିବା ନେଇ ପୂର୍ବରୁ ରେଳଲାଇନ୍ ଥିଲା । ଫଳରେ ଉକ୍ତ ରେଳଲାଇନ୍‌ରେ ଯାତ୍ରୀବାହୀ ଟ୍ରେନ୍ ଚଳାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଥିଲା । ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ବିଧାୟକ ଥିବା ବେଳେ ସରକାରଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲେ । ନୀଳଗିରି ଗୋପୀନାଥପୁର ନିକଟରେ ନବ ନିର୍ମିତ ରେଳ ଷ୍ଟେସନରୁ ଗଡିବ ନୂତନ ଟ୍ରେନ । ପ୍ରତିଦିନ ତିନିଥର ଲେଖାଏଁ ନୀଳଗିରିରୁ ବାଲେଶ୍ୱର ଯିବା ଆସିବା କରିବ ଟ୍ରେନ୍ । ପରବର୍ତ୍ତି ପର୍ଯ୍ୟାୟରେ ନୀଳଗିରି ରୁ ଭୁବନେଶ୍ୱର ଓ କଲିକତାକୁ ଟ୍ରେନ ଚଳାଚଳ ହେବ ।

# ବିଦ୍ୟାର୍ଥୀଙ୍କ ମନୋବଳ ବଢ଼ାଉଛି ନୂଆ- 'ଓ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୩।୧(ପି.ଏନ): ଯୁବ ସମାଜ ହେଉଛି ରାଷ୍ଟ୍ରର ଶକ୍ତି । ଛାତ୍ରଛାତ୍ରୀମାନେ ହେଉଛନ୍ତି ଦେଶ ପ୍ରଗତିର ମେରୁଦଣ୍ଡ । ରାଜ୍ୟର ନେତୃତ୍ୱ ଓ ଓଡ଼ିଶା ବିକାଶର ଦାୟିତ୍ୱ ଯୁବପିଢ଼ୀଙ୍କ ହାତରେ । ତତ୍‌ସହିତ ବିଦ୍ୟାର୍ଥୀଙ୍କ ମଧ୍ୟରେ ଅନେକ ଲୁକ୍କାୟିତ ପ୍ରତିଭା ରହିଛି । ଏହାର ପରିପ୍ରକାଶ ନୂଆ- 'ଓ', ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ସତ୍ୟସାଇ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା ଉତ୍ସବର ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ରୂପେ ଯୋଗଦେଇ ରାଜ୍ୟ ଉଚ୍ଚଶିକ୍ଷା ବିଭାଗର ଉପ-ଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବିଦ୍ୟାଳୟର ଛାତ୍ରୀମାନେ ବେଦମନ୍ତ୍ର ପାଠ କରିଥିଲେ । ବେଦର ଏହି ମନ୍ତ୍ର ଧ୍ୱନିରେ କମ୍ପି ଉଠିଥିଲା ମହାବିଦ୍ୟାଳୟ । ମହାବିଦ୍ୟାଳୟର ଗଭର୍ଣ୍ଣିଂବଡ଼ିର ସଭାପତି ସୁନିଲ୍ କୁମାର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଏସ୍.ଏନ୍.ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି ଯୋଗଦେଇ ସରକାରଙ୍କ ଏହି ଅଭିନବ ପ୍ରୟାସ ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜ ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ।

# ହେମନ୍ତ ସୋରେନ୍‌ଙ୍କୁ ପୁଣି ସମନ, ନୂଆ ଡେଡ୍‌ଲାଇନ୍ ଦେଲା ଇଡି

ଭୁବନେଶ୍ୱର,୧୩।୧(ପି.ଏନ): ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କୁ ପୁଣି ସମନ । ଜମି ଦୁର୍ନୀତି ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପୁଣି ଥରେ ହେମନ୍ତ ସୋରେନ୍ ସମନ କରିଛି । ଇଡି କାର୍ଯ୍ୟାଳୟରେ ହାଜର ହେବାକୁ ତାଙ୍କୁ ନୂଆ ଡେଡ୍? ଲାଇନ୍ ଦିଆଯାଇଛି । ଅସନ୍ତା ଜାନୁଆରୀ ୧୬ରୁ ୨୦ ଭିତରେ ହାଜର ହେବାକୁ ହେମନ୍ତ ସୋରେନ୍‌ଙ୍କୁ କୁହାଯାଇଛି ।ଜମି ଦୁର୍ନୀତି ମାମଲା ସହ ଜଡିତ ମନି ଲଣ୍ଡରିଂ ମାମଲାରେ ପଚରାଉଚରା



କରିବା ପାଇଁ ଇଡି ବାରମ୍ବାର ହେମନ୍ତ ସୋରେନ୍‌ଙ୍କୁ ସମନ କରିସାରିଲାଣି । କିନ୍ତୁ ସେ ଥରଟିଏ ବି ହାଜର ହୋଇନାହାନ୍ତି । ଏବେ ପୁଣିଥରେ ଇଡି ୮ମ ଥର ପାଇଁ ତାଙ୍କୁ ସମନ ପଠାଇ ଡକାଇଛି ।

# ଆମେ ଅଯୋଗ୍ୟ ବୋଲି କମିଟିରେ ସ୍ଥାନ ପାଇଲୁନି: ସୁର

ଭୁବନେଶ୍ୱର,୧୩।୧(ପି.ଏନ): କଂଗ୍ରେସ ନିର୍ବାଚନ କମିଟିକୁ ନେଇ ହାତ ଶିବିରରେ ବଢ଼ିଲା ବିବାଦ । କମିଟିରୁ ବାଦ ପଡ଼ିବା ପରେ ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କ କ୍ଷୋଭ । କହିଲେ- କଂଗ୍ରେସର ଆମେ ଛୋଟ ଏବଂ ଅଯୋଗ୍ୟ ନେତା ହୋଇଥିବାରୁ ଦଳ ଆମକୁ କମିଟିରେ ସ୍ଥାନ ଦେଇନାହିଁ । ଅନ୍ୟପଟେ ତାରା କିନ୍ତୁ କମିଟିର ବାଦ ପଡ଼ିବା ପରେ ଦୁଇ ଦିନ ଅପେକ୍ଷା କରନ୍ତୁ କହି ପ୍ରସଙ୍ଗକୁ ଏଡ଼ାଇ ଯାଇଛନ୍ତି । ଏଆଇସିସି ଅଧ୍ୟକ୍ଷଙ୍କ ଓଡ଼ିଶା ଗସ୍ତ ପୂର୍ବରୁ କମିଟିକୁ ନେଇ କଂଗ୍ରେସ ରାଜନୀତି ଗୋଳିଆ ହୋଇଛି ।କଂଗ୍ରେସର ୧୮ ଜଣିଆ ନିର୍ବାଚନ କମିଟିରୁ ଦଳର ଦୁଇ ହେଭିଓ୍ୱେଟ ତଥା ବିଧାୟକ ସୁରେଶ ରାଉତରାୟ ଓ ତାରା ପ୍ରସାଦ ବାହିନୀପତି ବାଦ ପଡ଼ିଛନ୍ତି । ରାଜ୍ୟ ନିର୍ବାଚନ କମିଟିରୁ କଂଗ୍ରେସର ଫାୟାର ବ୍ରାଣ୍ଡ ବିଧାୟକ ବାଦ ପଡ଼ିବା ପରେ ବିଧାୟକ ସୁରେଶ ରାଉତରାୟ କ୍ଷୋଭ ପ୍ରକାଶ କରିଛନ୍ତି । କମିଟିକୁ କଟାକ୍ଷ କରି ସୁର କହିଛନ୍ତି,




ଆମେ କଂଗ୍ରେସର ଛୋଟ ଏବଂ ଅଯୋଗ୍ୟ ନେତା, ସେଥିପାଇଁ କମିଟିରେ ଆମକୁ ସ୍ଥାନ ଦିଆଯାଇନାହିଁ । ମତେ ଖୋର୍ଦ୍ଧା ଜିଲ୍ଲା ସଭାପତି ପଦରୁ ହଟାଇ ଦେଲେ ବି ମୋର କିଛି ଖାତିର ନାହିଁ । ଏପରିକି ଦୁଇ ପୁଅକୁ ଯଦି ଦଳ ଟିକେଟ ନମିଳେ ତେବେ ସ୍ୱାଧୀନ ଭାବେ ନିର୍ବାଚନ ଲଢାଇ ଜିତାଇବି ବୋଲି ସୁର ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି । ଅନ୍ୟପଟେ ବିଧାୟକ ତାରା ପ୍ରସାଦ ବାହିନୀପତି କମିଟିରୁ ବାଦ ପଡ଼ିବା ପରେ ବି ମାପିଚୁପି ବୟାନ ରଖିଛନ୍ତି । କାହିଁକି କମିଟିରୁ ବାଦ ପଡ଼ିଲେ ତାହା ଦୁଇଦିନ ପରେ ସଭିଁଏ ଜାଣିବେ ବୋଲି ତାରା କହିଛନ୍ତି । ଯାହାକୁ ନେଇ କଂଗ୍ରେସ ରାଜନୀତି ଉଷ୍ମ ହୋଇଛି ।କଂଗ୍ରେସରେ ଆଗକୁ ବହୁ ପରିବର୍ତ୍ତନ ଆସିବ ବୋଲି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି । ଏଆଇସିସି ଏବେ ଓଡ଼ିଶା କଂଗ୍ରେସକୁ ଫୋକସ କରିଛି । ପୁଣିଥରେ କଂଗ୍ରେସ ପାଇଁ ୨୦୨୪ ଶେଷ ସୁଯୋଗ କଥାକୁ ଦୋହରାଇଛନ୍ତି ଜୟଦେବ । ଚିରାଚରିତ ବୟାନ ଦେଇ କଂଗ୍ରେସର ନିର୍ବାଚନ କମିଟି ନେଇ ଦଳ ଭିତରେ ସୃଷ୍ଟି ହୋଇଥିବା ଅସନ୍ତୋଷକୁ ଏଡ଼ାଇ ଦେଇଛନ୍ତି ଜୟଦେବ ।୨୦୧୯ ନିର୍ବାଚନରେ ମାତ୍ର ୯ ଜଣ ବିଧାୟକ ପଦରେ କଂଗ୍ରେସ ସୀମିତ ରହିଥିଲା । ବିଧାୟକ ମହମ୍ମଦ ମୋକିମ ଓ ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳକୁ ଦଳ ନିଲମ୍ବନ କରିଛି । ଏବେ ସୁରେଶ ରାଉତରାୟଙ୍କୁ ରାଜ୍ୟ କଂଗ୍ରେସରେ ଅଣଦେଖା କରାଯାଉଥିବାରୁ ଦଳର ନେତୃତ୍ୱକୁ ନେଇ ଅସନ୍ତୋଷ ନିଆଁ ପୁଣି କୁହୁଳିଛି ।

# ତାଇୱାନର ନୂଆ ରାଷ୍ଟ୍ରପତି ହେଲେ ଲାଇ ଚିଙ୍ଗତେ


ତାଇପେଇ,୧୩।୧(ପି.ଏନ): ଲାଇ ଚିଙ୍ଗତେ ତାଇୱାନର ନୂଆ ରାଷ୍ଟ୍ରପତି । ଚୀନ ବିରୋଧୀ ଭାବେ ଜଣାଶୁଣା ଶାସକ ଡେମୋକ୍ରାଟିକ ପ୍ରୋଗ୍ରେସିଭ ପାର୍ଟି-DPPର ରାଷ୍ଟ୍ରପତି ପ୍ରାର୍ଥୀ ଥିଲେ ଲାଇ ଚିଙ୍ଗତେ । ମୁଖ୍ୟ ବିରୋଧୀ ଦଳ କୋମିଙ୍ଗଟାନ-କଗଞ୍ଚର ପ୍ରାର୍ଥୀ ହୋ ୟୁଇ ଏବଂ ତାଇୱାନ ପିପୁଲ୍ସ ପାର୍ଟି-ଞଚଚର ରାଷ୍ଟ୍ରପତି ପ୍ରାର୍ଥୀ ତଥା ତାଇପେଇର ପୂର୍ବତନ ମେୟର କୋ ଓ୍ୱେନ ଜେ ପରାସ୍ତ ହୋଇଛନ୍ତି ।ନିର୍ବାଚନ ପୂର୍ବରୁ ଲାଇଙ୍କୁ ଜଣେ ବିପଜ୍ଜନକ ବିଛିନ୍ନତାବାଦୀ ଭାବେ ଚିତ୍ରଣ କରିଥିଲା ଚୀନ । ତାଇୱାନରେ ଶାନ୍ତି ବଜାୟ ରଖିବା ଲାଗି ଘୋଷଣା କରିଛନ୍ତି ନୂଆ ରାଷ୍ଟ୍ରପତି । ତାଇୱାନ ଉପରେ ଚୀନର ସାମରିକ ଓ ଅର୍ଥନୈତିକ ଆଧିପତ୍ୟ ବଢୁଥିବା ସତ୍ତ୍ବେ ଏହି ନିର୍ବାଚନ ହୋଇଥିଲା । ଶାସକ ଡେମୋକ୍ରାଟିକ ପ୍ରୋଗ୍ରେସିଭ ପାର୍ଟି-DPPର ରାଷ୍ଟ୍ରପତି ପ୍ରାର୍ଥୀ ଲାଇ ଚିଙ୍ଗତେ ହୋଇଥିବାବେଳେ ମୁଖ୍ୟ ବିରୋଧୀ ଦଳ କୋମିଙ୍ଗଟାନ-KMTର ରାଷ୍ଟ୍ରପତି ପ୍ରାର୍ଥୀ ଥିଲେ ହୋ ୟୁଇ । ତାଇୱାନ ପିପୁଲ୍ସ ପାର୍ଟି-TPPର ରାଷ୍ଟ୍ରପତି ପ୍ରାର୍ଥୀ ଥିଲେ କୋ ଓ୍ୱେନ ଜେ ।ପୂର୍ବତନ ରାଷ୍ଟ୍ରପତି ସାଇ ଇଙ୍ଗ ଓ୍ୱେନ ୮ ବର୍ଷ କ୍ଷମତାରେ ରହିଥିଲେ । ତେବେ ନିୟମ ଦୃଷ୍ଟିରୁ ଆଉ ନିର୍ବାଚନ ଲଢିପାରିନଥିଲେ ସାଇ ଇଙ୍ଗ ଓ୍ୱେନ । ତାଇୱାନକୁ ସର୍ବଦା ସ୍ୱାଧୀନ ରାଷ୍ଟ୍ର ବୋଲି ଘୋଷଣା କରିଆସୁଛି ଉଚଚ । DPPର ରାଷ୍ଟ୍ରପତି ପ୍ରାର୍ଥୀ ଲାଇ ଚିଙ୍ଗତେ ଜଣେ ଡାକ୍ତରରୁ ବନିଥିଲେ ରାଜନେତା । TPPର ରାଷ୍ଟ୍ରପତି ପ୍ରାର୍ଥୀ କୋ ଓ୍ୱେନ ଜେ ଥିଲେ ମଧ୍ୟମ ପନ୍ଥୀ । ତାଇୱାନର ଇତିହାସ କୁହେ- ତୃତୀୟ ଥର ଲାଗି କୌଣସି ଦଳ କ୍ଷମତାକୁ ଆସିନାହିଁ । ତାଇୱାନର ଗଣତାନ୍ତ୍ରିକ ଇତିହାସ ୨୭ ବର୍ଷ ପୁରାତନ । ପୂର୍ବତନ ରାଷ୍ଟ୍ରପତି ସାଇ ଇଙ୍ଗ ଓ୍ୱେନଙ୍କ ସମୟକାଳରେ ଚୀନ ଅନେକ ପ୍ରକାର ସମ୍ପର୍କ ଛିନ୍ନ କରିଥିଲା । ଗତ କିଛି ବର୍ଷ ମଧ୍ୟରେ ତାଇୱାନ ସହ ଚୀନର ସମ୍ପର୍କ ତିକ୍ତ ହୋଇଥିବାବେଳେ ଆମେରିକା-ତାଇୱାନ ସମ୍ପର୍କ ବଢିଛି । ଚୀନର ବିରୋଧ ସତ୍ତ୍ବେ ଆମେରିକା ତାଇୱାନକୁ ବିପୁଳ ଅସ୍ତ୍ରଶସ୍ତ୍ର ବିକ୍ରି କରିଆସୁଛି । ଏପରିକି ତାଇୱାନ ଉପରେ ଯଦି ଚୀନ ଆକ୍ରମଣ କରେ ତେବେ ତାଇୱାନକୁ ସୁରକ୍ଷା ଦେବାକୁ ଆମେରିକା ଆଗେଇ ଆସିବା ସମ୍ଭାବନା ରହିଛି ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଲେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ




ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମ୍ପିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢ଼ିବଢ଼ି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !




ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥ୍ରଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉଙ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ଜାନୁଆରୀ ୧୪

# ଅଖଣ୍ଡ ଭାରତର ଅଂଶ ଥିଲା ମାଳଦ୍ୱୀପ

### *ଲାକ୍ଷାଦ୍ୱୀପକୁ ପାକିସ୍ଥାନର ହଡ଼ପ ଷଡ଼ଯନ୍ତ୍ରକୁ ବିଫଳ କରିଥିଲେ ସର୍ଦ୍ଦାର ପଟେଲ*



ସୌର ଚନ୍ଦ୍ର ମହାପାତ୍ର

ସମଗ୍ର ଭାରତରେ ଏବେ ଅଯୋଧ୍ୟାରେ ଭଗବାନ ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମ ଚନ୍ଦ୍ରଙ୍କ ଭବ୍ୟ ନୂଆ ରାମ ମନ୍ଦିର ନେଇ ସମଗ୍ର ବିଶ୍ୱରେ ଆନନ୍ଦ ଉଲ୍ଲାସ ଦେଖିବାକୁ ମିଳୁଥିବାବେଳେ ମାଳଦ୍ୱୀପର ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଭାରତ ଭଳି ଏକ ପରମ ବନ୍ଧୁ ରାଷ୍ଟ୍ରକୁ ବାଦ ଦେଇ ମାଳଦ୍ୱୀପ ଏବେ ଚୀନ ମୁହାଁ ହୋଇଛି । ଅତୀତରେ ମାଳଦ୍ୱୀପର ରାଷ୍ଟ୍ରମୁଖ୍ୟ ଶାସନ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ଭାରତ ଗସ୍ତ କରିଥାନ୍ତି । କିନ୍ତୁ ବର୍ତ୍ତମାନର ରାଷ୍ଟ୍ରପତି ମୋଇଜ୍ଜୁ ଏହି ପରମ୍ପରାକୁ ଭାଙ୍ଗି ଚୀନ ଗସ୍ତ କରିଛନ୍ତି । ଚୀନ ଏହା ପୂର୍ବରୁ ପାକିସ୍ଥାନ ଆଉ ଶ୍ରୀଲଙ୍କାର ଯେଉଁ ଅବସ୍ଥା କରିଛି ଆଉ ଆଗାମୀ ଭବିଷ୍ୟତରେ ମାଳଦ୍ୱୀପର ଅବସ୍ଥା ମଧ୍ୟ କ'ଣ ହେବ ତାହା ତ ଭବିଷ୍ୟତ କହିବ କିନ୍ତୁ ଅନେକ ହୁଏତ ଜାଣି ନଥାନ୍ତି ଅଖଣ୍ଡ ଭାରତର ଅଂଶ ଥିଲା ମାଳଦ୍ୱୀପ । ଏହି ଦ୍ୱୀପ ରାଷ୍ଟ୍ରର ମୋଟ ଜନସଂଖ୍ୟାର ୯୭ଭାଗ ହେଉଛନ୍ତି ମୁସଲମାନ । ଇତିହାସ ପାଠ୍ୟକ୍ରମ ପାଇଁ ପ୍ରତିଷ୍ଠିତ ଆମେରିକାର କୋଲବି କଲେଜ ପ୍ରଫେସର ଜନ ହୋଗେନଡର୍ଣ୍ଣଙ୍କ ଅନୁସାରେ ମାଳଦ୍ୱୀପ ଶବ୍ଦ ସଂସ୍କୃତ ଭାଷା ମାଳା-ଦ୍ୱୀପରୁ ଉଦ୍ଭୂତ ହୋଇଛି । ଯାହାର ଅର୍ଥ ହେଉଛି ଦ୍ୱୀପ ମାଳା । ବୈଦିକ ଯୁଗରୁ ହିଁ ଏହି ଅଞ୍ଚଳ ମାଳଦ୍ୱୀପ ନାମରେ ପରିଚିତ ରହି ଆସିଥିଲା ବୋଲି ସେ କହିଛନ୍ତି । ତାଙ୍କ ମତରେ ଏଠାକାର ଲୋକଙ୍କୁ ପୂର୍ବରୁ 'ଧିବେହିନ୍' ବୋଲି କୁହାଯାଉଥିଲା । ଧିବ ବା ଦ୍ୱୀପରେ ରହୁଥିବା ଲୋକଙ୍କୁ ହିଁ ଏହି ନାମରେ ସମ୍ବୋଧନ କରାଯାଉଥିଲା । ସେହିପରି ଆଲମା ସିହାବ୍ ଅଲଦିନ୍ ଅନୁସାରେ ପ୍ରଥମେ ମାଳଦ୍ୱୀପକୁ କାଲିବଙ୍ଗରୁ ଲୋକମାନେ ଆସି ବସବାସ କରିଥିଲେ । ସେମାନଙ୍କ ପୂର୍ବଜ ହିନ୍ଦୁ ଓ ବୌଦ୍ଧ ଥିଲେ । ତେବେ ଭାରତକୁ ଇଂରେଜମାନଙ୍କ ଆଗମନ ପରେ ଏଠାକାର ମୂଳଭୂଖଣ୍ଡ ପରେ ଇଂରେଜମାନେ ବହୁ ଦ୍ୱୀପପୁଞ୍ଜକୁ ମଧ୍ୟ ନିଜ ଅକ୍ତିଆରକୁ ନେଇଥିଲେ । ଏହି କ୍ରମରେ ମାଳଦ୍ୱୀପ ମଧ୍ୟ ଇଂରେଜ ଶାସନତନ୍ତ୍ରରେ ସାମିଲ ହୋଇଯାଇଥିଲା । ତେବେ ୧୯୬୫ରେ ଏହି ଦ୍ୱୀପାଞ୍ଚଳ ସ୍ୱାଧୀନତା ହାସଲ କରିବା ପରେ ଭାରତ ହିଁ ଏହି କ୍ଷୁଦ୍ର ରାଷ୍ଟ୍ରର ସୁଖଦୁଃଖର ସାଥୀ ହୋଇ ରହିଆସିଛି । ଏଠାରେ ପ୍ରଥମେ ୧୯୭୮ରେ ନିର୍ବାଚନ ପରେ ଅବଦୁଲ ଗୟୁମ ଇବ୍ରାହିମ୍ ନାସିରଙ୍କୁ ହଟାଇ ରାଷ୍ଟ୍ରପତି ହୋଇଥିଲେ । ସେ ପ୍ରାୟ ୩୦ ବର୍ଷ ଧରି ମାଳଦ୍ୱୀପର ଶାସନ କ୍ଷମତାର ମଙ୍ଗ ଧରିଥିଲେ ମଧ୍ୟ ବହୁବାର ଷଡଯନ୍ତ୍ରକାରୀଙ୍କ ଶିକାର ହୋଇଥିଲେ । ତାଙ୍କୁ ଗାଦିଚ୍ୟୁତ କରିବାକୁ ୧୯୮୦, ୧୯୮୩ ଏବଂ ଶେଷରେ ୧୯୮୮ରେ ଷଡ଼ଯନ୍ତ୍ର କରାଯାଇଥିଲା । ତେବେ ୧୯୮୮ରେ ସେଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ସେତେବେଳେ ଗୟୁମ ଗାଦିଚ୍ୟୁତ ହେବାର ଶତପ୍ରତିଶତ ସମ୍ଭାବନା ଥିଲା । କିନ୍ତୁ ତାଙ୍କୁ ସୁରକ୍ଷା ଦେବାକୁ ସେ କରିଥିବା ଅନୁରୋଧର ମାତ୍ର ୧୦ ଘଣ୍ଟା ମଧ୍ୟରେ ଭାରତ ସରକାର ସେଠାକୁ ସେନା ପଠାଇ ଗୟୁମଙ୍କ ଗାଦି ସୁରକ୍ଷିତ ରଖିଥିଲେ । ଭାରତର ଏହି ବଡ଼ ପଣିଆକୁ ମାଳଦ୍ୱୀପର ସାଧାରଣ ଲୋକ ଭୁଲିପାରି ନାହାନ୍ତି ସତ, କିନ୍ତୁ ମୋଇଜୁଙ୍କ ଭଳି କିଛି କ୍ଷମତା ଏବଂ ଅର୍ଥ ପିପାସୁ ନେତା ଚୀନ ଭଳି ରାଷ୍ଟ୍ରର କୋଳରେ ବସି ଦେଶକୁ ବିପଦଗାମୀ କରିବାକୁ ପଛାଉନାହାନ୍ତି ବୋଲି ଆନ୍ତର୍ଜାତିକ ମହଲରେ ଚର୍ଚ୍ଚା ଜୋର ଧରିଛି ।

ଭାରତର ଶକ୍ତିଶାଳୀ ତଥା ରାଷ୍ଟ୍ରନେତା ଭାବେ ସମସ୍ତେ ସ୍ୱୀକାର କରୁଥିବା ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲାକ୍ଷାଦ୍ୱୀପଙ୍କ ଗସ୍ତ ପରେ ଏଠାର ପର୍ଯ୍ୟଟନ କ୍ଷେତ୍ର ଚଳଚଞ୍ଚଳ ହୋଇଛି । ଏଠାରେ ୭୦ ହଜାର ଲୋକ ରହୁଥିବାବେଳେ ୩୬ ଛୋଟବଡ଼ ଦ୍ୱୀପକୁ ନେଇ ଲାକ୍ଷାଦ୍ୱୀପର କ୍ଷେତ୍ରଫଳ ମାତ୍ର ୩୨.୬୯ ବର୍ଗକିଲୋମିଟର । ଆରବ ସାଗରରେ ଥିବା ଏହି କ୍ଷେତ୍ରକୁ ଉଷ୍ମ ମଣ୍ଡଳୀୟ ଭୂସ୍ୱର୍ଗ ମଧ୍ୟ କୁହାଯାଏ । ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଦ୍ୱୀପଟି ଅତ୍ୟନ୍ତ ଆକର୍ଷଣୀୟ । ମାଲାୟାଲାମ ଓ ସଂସ୍କୃତ ଭାଷାରେ ଲାକ୍ଷା ଦ୍ୱୀପର ଅର୍ଥ ହେଉଛି ଏକ ଲକ୍ଷ ଦ୍ୱୀପ । ତେବେ ଆମେ ଏଠାରେ ଏକ ଅନାଲୋଚିତ ଅଧ୍ୟାୟକୁ ସହୃଦୟ ପାଠକଙ୍କ ସାମ୍ନାରେ ଉପସ୍ଥାପନ କରୁଛୁ । ଅନେକ ପାଠକ ବା ଭାରତୀୟ ବି ଜାଣି ନଥିବେ ଯେ ପାକିସ୍ଥାନ ଦିନେ ଏହି ଲାକ୍ଷାଦ୍ୱୀପକୁ କରାୟତ କରିବାକୁ ହୀନ ଉଦ୍ୟମ କରିଥିଲା କିନ୍ତୁ ତାର କୁଟିଳ ଚକ୍ରାନ୍ତକୁ ସ୍ୱାଧୀନ ଭାରତର ପ୍ରଥମ ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ଲୌହ ପୁରୁଷ କୁହାଯାଉଥିବା ମହାନ କୂଟନୀତିଜ୍ଞ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ବିଫଳ କରିଦେଇଥିଲେ । କ୍ରାନ୍ତୀ ଓ ଦୂରଦର୍ଶୀ ଚିନ୍ତାଧାରା, କଠୋର ନିଷ୍ପତ୍ତି ଓ ପ୍ରଖର ବୁଦ୍ଧିମତ୍ତା ପାଇଁ ପ୍ରସିଦ୍ଧ ଲୌହମାନବ ସର୍ଦ୍ଦାର ପଟେଲ ଯଦି ସେଦିନ ତାଙ୍କ ଦୂରଦୃଷ୍ଟିକୁ ତତ୍କାଳ କାର୍ଯ୍ୟକାରୀ ନକରିଥାନ୍ତେ ତେବେ କେବଳ ପର୍ଯ୍ୟଟନ ନୁହେଁ ରଣନୈତିକ ଦୃଷ୍ଟିକୋଣରୁ ଭାରତ ପାଇଁ ଅନେକ ଗୁରୁତ୍ୱ ରଖୁଥିବା ଲାକ୍ଷାଦ୍ୱୀପକୁ ପାକିସ୍ଥାନ ନିଜ କବ୍ଜାକୁ ନେବାକୁ ସକ୍ଷମ ହୋଇଥାନ୍ତା । ବ୍ରିଟିଶମାନେ ଭାରତରୁ ଯିବା ପରେ ତତ୍କାଳୀନ ବିଖଣ୍ଡିତ ଭାରତକୁ ଗୋଟିଏ ସୂତାରେ ବାନ୍ଧିବା ପାଇଁ ସର୍ଦ୍ଦାର ପଟେଲ ଆପଣା ଉଦ୍ୟମରେ ଲାଗି ଯାଇଥିଲେ । ତାଙ୍କରି ଦୂରଦୃଷ୍ଟି ସମ୍ପନ୍ନ କୂଟନୀତି ଯୋଗୁଁ ଶହ ଶହ ଗଡ଼ଜାତ ରାଜ୍ୟ ଓ ମୂଲକ ଭାରତରେ ମିଶ୍ରଣ ସମ୍ଭବ ହୋଇଥିଲା । ତେବେ ମୁସଲିମ ଅଧ୍ୟୁସିତ ଲାକ୍ଷାଦ୍ୱୀପକୁ ଭାରତରେ ମିଶାଇବା କଷ୍ଟକର ବ୍ୟାପାର ଥିଲା । ପାକିସ୍ଥାନ ମଧ୍ୟ ଲାକ୍ଷାଦ୍ୱୀପକୁ ହଡପ କରିବାର ଉଦ୍ୟମରେ ରହିଥିଲା । ଦକ୍ଷିଣ ଭାରତୀୟ ମାଲାବାର ଉପକୂଳ ନିକଟସ୍ଥ ଲାକ୍ଷାଦ୍ୱୀପକୁ ପାକିସ୍ଥାନ ନିଜ କବ୍ଜାକୁ ନେବା ପାଇଁ ନିଜ ନୌସେନା ବାହିନୀକୁ ପ୍ରେରଣ କରିଥିଲା । ଲୌହମାନବ ସର୍ଦ୍ଦାର ପଟେଲ ଏହା ଏହି ସୂଚନା ପାଇବାମାତ୍ରେ ଦକ୍ଷିଣ ଭାରତରେ ମୂତୟନ ଥିବା ମୁଦାଲିୟର ଭ୍ରାତାଙ୍କୁ ନିଜ ଶକ୍ତିଶାଳୀ ସୁରକ୍ଷା ବଳଙ୍କୁ ଧରି ଲାକ୍ଷାଦ୍ୱୀପରେ ପହଞ୍ଚିବାକୁ ନିର୍ଦ୍ଦେଶ ଜାରି କରିଥିଲେ । ପାକିସ୍ଥାନ ନିଜ ଯୁଦ୍ଧ ଜାହାଜ ପଠାଇ ସାରିଥିଲା । ମହୀଶୂରର ଶେଷ ତଥା ୨୪ତମ ଦିୱାନ ଥିଲେ ରାମାସ୍ୱାମୀ ମୁଦାଲିୟର ସେ ଜଣେ ପ୍ରଭାବଶାଳୀ ଓ ଶକ୍ତିଶାଳୀ ନେତୃତ୍ୱର ପ୍ରତୀକ ଥିଲେ । ତାଙ୍କ ଭାଇ ଲକ୍ଷ୍ମଣ ସ୍ୱାମୀ ମୁଦାଲିୟର ଜଣେ ଡାକ୍ତର । ମୁଦାଲିୟରଙ୍କ ଶକ୍ତିଶାଳୀ ସୁରକ୍ଷା ବଳ ଲାକ୍ଷାଦ୍ୱୀପରେ ପହଞ୍ଚି ପାକିସ୍ଥାନର ନୌସେନା ପହଞ୍ଚିବା ପୂର୍ବରୁ ଭାରତ ମାତାର ତ୍ରିରଙ୍ଗା ସେ ଦ୍ୱୀପରେ ଫର ଫର ହୋଇ ଉଡ଼ିସାରିଥିଲା । ପାକିସ୍ଥାନ ସେନା କାନମୁଣ୍ଡା ଆଉଁଷି ଖାଲି ହାତରେ ଫେରିବାକୁ ବାଧ୍ୟ ହୋଇଥିଲା । କାରଣ ସେ ସମୟର ପାକିସ୍ଥାନର ନେତୃତ୍ୱ ମଣ୍ଡଳୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସର୍ବଶକ୍ତିମାନ ଓ ବଳିଷ୍ଠ ନେତୃତ୍ୱ ଓ ମାର୍ଗଦର୍ଶନ ବିଷୟରେ ବେଶ ଭଲଭାବେ ଅବଗତ ଥିଲେ । ତେଣୁ ଲଜ୍ୟାଜନକ ପରାଜୟ ପୂର୍ବରୁ ପାକିସ୍ଥାନ ଫେରି ଆସିଥିଲା । ୧୯୫୬ରେ ରାଜ୍ୟ ଗୁଡ଼ିକ ପୁର୍ନଗଠନ ହେବା ବେଳେ କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଲାକ୍ଷାଦ୍ୱୀପ ନିଜ ମାନ୍ୟତା ପାଇଥିଲା । ୧୯୭୩ରେ ଏହାର ନାମ ଲାକ୍ଷାଦ୍ୱୀପ ରହିଥିଲା । ଏହା ପୂର୍ବରୁ ଏହାକୁ ଲକ୍କାଦ୍ୱୀଭ, ମିନିକାୟ ଅମିନଦ୍ୱିଭ କୁହାଯାଉଥିଲା । ଆଜିର ଭାରତୀୟ ରାଜନୀତି ଓ ଆମ ସମସ୍ତଙ୍କର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶକ୍ତିଶାଳୀ ଓ ଦୂରଦୃଷ୍ଟି ନେତୃତ୍ୱକୁ ଦେଖିଲେ ସ୍ମୃତିପଟ୍ଟରେ ଆସି ଯାଉଛନ୍ତି ଆମ ସମସ୍ତଙ୍କର ପ୍ରିୟ ମହାନ ରାଷ୍ଟ୍ରନାୟକ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ । ମୋଦିଜୀଙ୍କ ବିଦେଶନୀତି ହେଉଛି ପଡ଼ୋଶୀ ପ୍ରଥମ । ସେ ହେଉଛନ୍ତି ଭାରତର ପ୍ରଧାନମନ୍ତ୍ରୀ ଯିଏ କି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପୂର୍ବରୁ ଘୋଷଣା କରିଥିଲେ ମୋ ଶପଥ ପାଠ ଉତ୍ସବରେ ପ୍ରଥମେ ତାଲିକାରେ ଆମ ପଡ଼ୋଶୀ ବନ୍ଧୁରାଷ୍ଟ୍ରମାନେ ରହିବେ ଏବଂ ଯେ କୌଣସି ପରିସ୍ଥିତିରେ ବନ୍ଧୁ ରାଷ୍ଟ୍ର ମାନଙ୍କୁ ସାମଗ୍ରିକ ସହାୟତା କରିବା ଭାରତର ପ୍ରଥମ ଓ ପ୍ରମୁଖ ଧର୍ମ । ଆଜି ମାଳଦ୍ୱୀପ ଯେଉଁ ବାଟରେ ଯାଉଛି ତାହାର ପରିଣତି ଆଗାମୀ ସମୟ ନିଶ୍ଚିନ୍ତ କହିବ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*
*'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*

# ୱାର୍ଲଡ ଓଡିଶା ସୋସାଇଟିର ଜୟଯାତ୍ରା

କୋଭିଡ଼ ବିଶ୍ୱ ମହାମାରୀର କରାଳ ଛାୟା ସର୍ବତ୍ର ଆତଙ୍କ ଖେଳାଇଥିବାବେଳେ, ସେହି ଅନ୍ଧକାର ମଧ୍ୟରୁ ଆଲୋକର ସ୍ମିତ ହସ ଖେଳାଇ ଜନ୍ମ ନେଲା ୨୦୨୧ ମସିହା ୧୪ ତାରିଖ ପବିତ୍ର ମକର ସଂକ୍ରାନ୍ତିର ଶୁଭ ଲଗ୍ନରେ ୱାଲର୍ଡ଼ ଓଡ଼ିଶା ସୋସାଇଟି । ସମଗ୍ର ପୃଥିବୀରେ ଓଡିଶାର ମହାନ୍ କଳା, ସଂସ୍କୃତି, ସ୍ଥାପତ୍ୟ, ସାହିତ୍ୟ, ପରମ୍ପରା, ଭାଷା, ଐତିହ୍ୟ, ମହାପ୍ରସାଦ, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଉତ୍କଳ ଜନନୀର ମହତ୍ତ୍ୱ ବିଶେଷତ୍ୱକୁ ବିଶ୍ୱଦରବାରରେ ପ୍ରସାରିତ କରିବା ତଥା ପ୍ରବାସୀ ଓଡିଆ ମାନଙ୍କ ସ୍ୱାର୍ଥରକ୍ଷା ଲାଗି ଏହି ସଂଗଠନ ବଳିଷ୍ଠ ପଦକ୍ଷେପ ନେବା ଏବଂ ବିକାଶର ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେବା ଏହାର ଉଦ୍ଦେଶ୍ୟ ଅଟେ । ବିନ୍ଦୁରୁ ସିନ୍ଧୁର ପରିବ୍ୟାପ୍ତି ଏହାର ଲକ୍ଷ୍ୟ, ୨୦୩୨ ରେ ଏକଶତ ବର୍ଷର ଓଡିଶାକୁ ଏକ ଗୌରବାଜ୍ୱଳ ଅବସ୍ଥାରେ ଦେଖିବାର ପ୍ରୟାସ । ଦିଲ୍ଲୀର ବିଶିଷ୍ଟ ସାମ୍ବାଦିକ ଶ୍ରୀ କିଶୋର ଦ୍ୱିବେଦୀ ଏହାର ଅଧ୍ୟକ୍ଷ ଦାୟିତ୍ୱ ବହନ କଲେ । ଏହି ସମୟର ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀ ସୂର୍ଯ୍ୟନାରାୟଣ ପାତ୍ର ହେଲେ ମୁଖ୍ୟ ପୃଷ୍ଟପୋଷକ । ପ୍ରତିଷ୍ଠାତ୍ରୀ ହେଲେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଗୁରମା' ଡଃ ଅରୁନ୍ଧତୀ ଦେବୀ ।

୨୦୨୧ ଫେବୃୟାରୀ ପନ୍ଦର ତାରିଖରେ ଏହାର ପରିବର୍ଦ୍ଧିତ କାର୍ଯ୍ୟକାରୀ କମିଟି ଆନୁକୂଲ୍ୟରେ କୋଟିଆ ସମସ୍ୟା ଉପରେ ଆଲୋଚନା କରାଗଲା ଏବଂ ଓଡିଶା ଆନ୍ଧ୍ର ସୀମାରେ ବାସ କରୁଥିବା ଓଡିଆ କୋଟିଆ ଅଧ୍ୟୁଷିତ ଗ୍ରାମ ମାନଙ୍କରେ ସେମାନଙ୍କର ନିରାପତ୍ତା, ଉନ୍ନତି ଓ କଲ୍ୟାଣ ନିମନ୍ତେ କାର୍ଯ୍ୟକ୍ରମ ହାତକୁ ନେବା ସ୍ଥିର ହେଲା । ଚେୟାରମ୍ୟାନ ଶ୍ରୀ କିଶୋର ଦ୍ୱିବେଦୀ ସେମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିସନ ଦାୟର କଲେ । ଦୁଇହଜାର ଏକୋଇଶ ଜୁନ୍ ଉଣେଇଶ ତାରିଖରେ ଓସ୍ ଆନୁକୂଲ୍ୟରେ ଓଡିଆ ସମାଜ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆନ ଲିଭର ପେସେଣ୍ଟଫାଉଣ୍ଡେସନ ସହଭାଗିତାରେ ଆଭାସି ମାଧ୍ୟମରେ କରୋନା ସମୟରେ ମାନସିକ ଚ଼ପ ପରିଚ଼ଳନା ନିମନ୍ତେ ଝରବକ୍ସମକ୍ଷସଭଶ ଲକ୍ଟକ୍ସ ଝକ୍ଟକ୍ଷବମର ନାମରେ ଏକ ଆନ୍ତର୍ଜାତୀୟ ସେମିନାର ଅନୁଷ୍ଠିତ ହେଲା । ଜୁନ୍ କୋଡିଏ ଦୁଇ ହଜାର ଏକୋଇଶରେ ଏହି ସଂଗଠନ ଉଦୀୟମାନ କଣ୍ଠଶିଳ୍ପୀ ତପୁ ମିଶ୍ରଙ୍କର କୋଭିଡ୍ ଜନିତ ବିୟୋଗରେ ଅନ୍‌ଲାଇନ୍‌ରେ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା । ଚଉଦ ଅଗଷ୍ଟ ଦୁଇହଜାର ଏକୋଇଶିରେ ଦେଶ ସ୍ୱାଧୀନତାର ଦିବସର ଅବ୍ୟବହିତ ପୂର୍ବରୁ ବିଶ୍ୱର ଓଡିଆ ମାନଙ୍କୁ ନେଇ "ଠବକ୍ଷସବଭଶ୍ବ ଚବସଲବ'ଶ୍ବ ଠରକ୍ସଶ୍ବକ୍ଟଭ କ୍ଟଲ ଠବକ୍ଷକ୍ଟଙ୍କକ୍ସ" ନାମକରଣରେ ଏକ ଆଭାସି ସଭା ସଫଳତାର ସହିତ ହୋଇ ପାରିଥିଲା । ଏହାର ଉଦ୍‌ଘାଟକ ଓଡିଶାର ମାନ୍ୟବର ବାଚସ୍ପତି ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର କେନ୍ଦ୍ରମନ୍ତ୍ରୀ - ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ସୁପୁତ୍ର ଶ୍ରୀଯୁକ୍ତ ସୁନିଲ ଶାସ୍ତ୍ରୀ, ମାନ୍ୟବର ସାଂସଦ କେନିଆ – ଡଃ ସ୍ୱରୂପ ରଂଜନ ମିଶ୍ର, ଓଡିଶାର କ୍ରୀଡା, ଯୁବବ୍ୟାପାର ଓ ଆଇ.ଟି ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା, ହରିଜନ ସେବକ ସଂଘ ନୂଆଦିଲ୍ଲୀର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ର. ଡଃ ଶଙ୍କର କୁମାର ସାନ୍ୟାଲ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଅଶୋକ କୁମାର ମହାପାତ୍ର, ଇନ୍‌କମ୍‌ଟ୍ୟାକ୍ସ ମୁଖ୍ୟ କମିଶନର ଶ୍ରୀ ମନୋରଂଜନ ପାଣିଗ୍ରାହୀ, ଓଡିଶା ସାହିତ୍ୟ ଏକାଡେମୀର ସମ୍ପାଦକ ପ୍ରବୋଧ ରାଉତ ଏବଂ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଯୋଗ ଦେଇଥିଲେ ।

ଦୁଇହଜାର ଏକୋଇଶ ସେପ୍ଟେମ୍ବର ଦଶ ତାରିଖରେ ଗଣେଶ ଚତୁର୍ଥୀର ପବିତ୍ର ଅବସରରେ ଆନ୍ଧ୍ରପ୍ରଦେଶର ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ୱାର୍ଲଡ ଓଡିଶା ସୋସାଇଟି ବିଧିବଦ୍ଧ ଭାବେ ଉଦ୍‌ଘାଟିତ ହେଲା । ଏହାର ୱେବ୍‌ସାଇଟ୍ ମଧ୍ୟ ମହାମହିମ ଉନ୍ମୋଚନ କଲେ । ଓଡିଶାର ମାନ୍ୟବର ରାଜ୍ୟପାଳ ପ୍ର.ଡଃ. ଶ୍ରୀ ଗଣେଶି ଲାଲ୍ ଏକ ଶୁଭବାର୍ତ୍ତାରେ ଏହି ମହାନ ଅନୁଷ୍ଠାନ ପ୍ରବାସୀ ଓଡିଆ ମାନଙ୍କ ନିରାପତ୍ତା, ଉନ୍ନତିକୁ ଅଗ୍ରାଧିକାର ଦେବ ବୋଲି ଆଶାବ୍ୟକ୍ତ କଲେ । ଗୋଟିଏ ଛତା ତଳେ ବିଶ୍ୱର ବିଭିନ୍ନ ସ୍ଥାନରେ ରହୁଥିବା ଓଡିଆ ମାନଙ୍କୁ ଏକାଠି କରିବାର ଏହି ଉଦ୍ୟମକୁ ଶ୍ରୀଯୁକ୍ତ ପାତ୍ର ଉଚ୍ଚପ୍ରଶଂସା କଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେପିର ଡଃ ସମ୍ବିତ ପାତ୍ର, ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ରାଜକୁମାର, ଓଡିଶାର ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସାଦ ହରିଚନ୍ଦନ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଭଜନ ସମ୍ରାଟ ଶ୍ରୀ ଅନୂପ ଜଲୋଟା ସାଂସ୍କୃତିକ କାର୍ନିଭାଲ୍‌କୁ ଉଦ୍‌ଘାଟନ କରିଥିଲେ । ୨୦୨୧ ସେପ୍ଟେମ୍ବର ଉଣେଇଶ ତାରିଖ ମଧ୍ୟରାତ୍ରିରେ ଏହି ବିଶ୍ୱ ଅନୁଷ୍ଠାନ ଏକ ଆନ୍ତର୍ଜାତିକ ଶୋକସଭା ଆୟୋଜନ କଲା - ବିଶିଷ୍ଟ ନାରିନେତ୍ରୀ, ସମାଜର ପୂର୍ବତନ ସଂପାଦିକା, ସୁସାହିତ୍ୟିକା, ବାଗ୍ମୀ, ଡ. ମନୋରମା ମହାପାତ୍ରଙ୍କ ପାଇଁ ।



ଡ଼ଃ.ଅରୁନ୍ଧତୀ ଦେବୀ

ଅକ୍ଟୋବର ଏକ ତାରିଖ ଦୁଇହଜାର ଏକୋଇଶରେ ଏକ ଆନ୍ତର୍ଜାତିକ ୱେବିନାର କରାଗଲା – ଗାନ୍ଧିଜୀଙ୍କର ଓଡିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ "ଗାନ୍ଧୀ ଚର୍ଚ୍ଚା" ଶିରୋନାମାରେ, ଓଡିଶା ସରକାରଙ୍କ ଓଡିଶା ସାହିତ୍ୟ ଏକାଡେମୀର ସହଭାଗିତାରେ । ଏହାକୁ ବିଭାଗୀୟ ମନ୍ତ୍ରୀ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉଦଘାଟନ କରିଥିଲେ । ସାହିତ୍ୟ ଏକାଡେମୀ ସଭାପତି ଡଃ ହୃଷିକେଶ ମଲ୍ଲିକ୍, ଉପସଭାପତି ଡଃ ସଂଗ୍ରାମ ଜେନା, ସମ୍ପାଦକ ଶ୍ରୀ ପ୍ରବୋଧ ରାଉତ, ସମ୍ପାଦକ - ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଡଃ ସୁରେଶ ଚନ୍ଦ୍ର ଦଳାଇ, ହରିଜନ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ପ୍ର.ଡଃ ଶଙ୍କର କୁମାର ସାନ୍ୟାଲ ପ୍ରଭୃତି ବକ୍ତବ୍ୟ ରଖିଥିଲେ । ଅକ୍ଟୋବର ମାସ ଅଣତିରିଶ ତାରିଖ ୨୦୨୧ ରେ ଓସ୍ ଜାତୀୟ ପୁରସ୍କାର ବିଜେତା – ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କଲା । ଛଅ ନଭେମ୍ବର ୨୦୨୧ ରେ ଓସ୍ ଏହାର ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ ଉଦ୍‌ଘାଟନୀ ସମାରୋହ ଆୟୋଜନ କଲା । ଆଲୋକ ଉତ୍ସବ ମଧ୍ୟ ଆୟୋଜିତ ହୋଇଥିଲା । ମୁଖ୍ୟ କାର୍ଯ୍ୟାଳୟକୁ ଓଡିଶାର ମାନ୍ୟବର ରାଜ୍ୟପାଳ ଶ୍ରୀ ଗଣେଶିଲାଲ୍ ଉଦ୍‌ଘାଟନ କରି ଅନୁଷ୍ଠାନର ବୃହତ୍ତର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ପ୍ରଶଂସା କରିଥିଲେ । ଏଥିରେ ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ୨୭ ନଭେମ୍ବର ୨୦୨୧ ରେ 'ଅଙ୍ଗଦାନ' ଶୀର୍ଷକ ଆଭାସୀ ସଭା ଇଣ୍ଡିଆନ୍ ଲିଭର ପେସେଣ୍ଟ ପାଉଣ୍ଡେସନ ସହଭାଗିତାରେ ଆୟୋଜନ କରାଯାଇଥିଲା । ଏଥିରେ ବହୁ ବିଖ୍ୟାତ ଡାକ୍ତର ଓ ସ୍ୱାସ୍ଥ୍ୟ ବିଶାରଦ ମାନେ ଯୋଗ ଦେଇଥିଲେ । ଓଡିଶା ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ଶ୍ରୀ ଅସିତ୍ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ପି.କେ. ହୋତା, ଇଂ. ପ୍ରଭାସ ଆଚାର୍ଯ୍ୟ, ଡଃ ବ୍ରଜକିଶୋର ଦାସ ପ୍ରଭୃତି ଯୋଗ ଦେଇଥିବା ବେଳେ ଚଳଚ୍ଚିତ୍ର ଅଭିନେତ୍ରୀ ନୈନା ଦାସ ବ୍ରାଣ୍ଡ୍ ଆମ୍ବାସଡର ଥିଲେ । ପ୍ରଥମ ପ୍ରତିଷ୍ଠା ଦିବସ ଜାନୁୟାରୀ ଚଉଦ ୨୦୨୨ରେ କରୋନା ବିଶ୍ୱ ମହାମାରୀର ପ୍ରକୋପ ଯୋଗୁଁ ସାଧାରଣ ଭାବେ ପାଳନ କରାଯାଇଥିଲା । ପୁରୀ ଠାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ବଡ ଦେଉଳ, ଦିଲ୍ଲୀ ଜଗନ୍ନାଥ ମନ୍ଦିର ଓ ବିଭିନ୍ନ ଦେଶରେ ଥିବା ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଆନ୍ତର୍ଜାତିକ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ଠାରେ କରୋନା ଯୋଗୁ ଦୁଇବର୍ଷ ପରେ ଜନ୍ମମାଟିକୁ ଫେରିଥିବା ପ୍ରବାସୀ ଓଡିଆ ଓସ୍‌ର ସଦସ୍ୟମାନଙ୍କୁ ଚେୟାରମ୍ୟାନ ଶ୍ରୀଯୁକ୍ତ ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ । ସେମାନେ ଓଡିଶାର ବିକାଶ ପାଇଁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ୧୭ ମାର୍ଚ୍ଚ ୨୦୨୨ ରେ ଶକ୍ତି ଉତ୍ସବ ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ଆନ୍ତର୍ଜାତିକ ମହିଳା ଦିବସ ପକ୍ଷରେ ପାଳନ କରାଯାଇଥିଲା । ଏହି ମହାନ ଅନୁଷ୍ଠାନର ପ୍ରକାଶନ ବିଭାଗ ସହ-ସମ୍ପାଦକ ଡ. ତନ୍ମୟ ପଣ୍ଡାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ୨୦୨୩ ମସିହାରେ ଅଭାସି ଯୋଗେ ମହାମୃତ୍ୟୁଞ୍ଜୟ ମନ୍ତ୍ରପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶୋଭନୀୟ ଆନ୍ଦୋଳନ ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମିଳିତ ଆନୁକୁଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ୨୦୨୩ ମାର୍ଚ୍ଚ ମାସରେ ଶକ୍ତି ଉତ୍ସବ ପାଳିତ ହୋଇଥିଲା । ବିଖ୍ୟାତ ଓଡ଼ିଆ ସଂଗୀତ ଗାୟକ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କ ୮୫ତମ ଜୟନ୍ତୀ ଆଭାସି ମାଧ୍ୟମରେ ବିଭିନ୍ନ ଦେଶରେ ରହୁଥିବା ଓଡ଼ିଆ ମାନଙ୍କୁ ନେଇ ପାଳନ କରାଯାଇଥିଲା । ପରବର୍ତ୍ତୀ ସମୟରେ ନୂଆଦିଲ୍ଲୀଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆଦର୍ଶ ଦମ୍ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବତନ ବାଚସ୍ପତି ଏବଂ ୱାର୍ଲଡ଼ ଓଡ଼ିଶା ସୋସାଇଟିର ମୁଖ୍ୟ ପୃଷ୍ଟପୋଷକ ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ବିୟୋଗରେ ଆଭାସି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହାପରେ ଦିଲ୍ଲୀସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଇଣ୍ଡିଆଠାରେ ସଭା ଆୟୋଜନ କରାଯାଇ ୱାର୍ଲଡ଼ ଓଡ଼ିଶା ସୋସାଇଟିର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ଉଭୟ ମାଧ୍ୟମରେ କରାଯାଇଥିଲା । ଉକ୍ତ ବିଶ୍ୱସ୍ତରୀୟ ଅନୁଷ୍ଠାନ ପୃଥିବୀର ୨୦ଟି ଦେଶରେ ଥିବା ଓଡ଼ିଆଙ୍କୁ ନେଇ ଆରମ୍ଭ ହୋଇଥିଲା । ଏବେ ବିଶିଷ୍ଟ ପ୍ରବାସୀ ଓଡ଼ିଆ ଓ ଓଡ଼ିଶା ପ୍ରେମୀ ଏଥିରେ ୭୨ଟି ଦେଶରୁ ସଭ୍ୟ ଭାବେ ଯୋଗ ଦେଇଛନ୍ତି । ଏହି ମହତ ସଂଗଠନ ତାହାର ଜୟଯାତ୍ରାରେ ଆଗେଇ ଚାଲିଛି । ଓଡ଼ିଶାକୁ ଓ ଓଡ଼ିଶାର ସମସ୍ତ ବିଶେଷତ୍ୱକୁ ସମଗ୍ର ବିଶ୍ୱରେ ଲୋକପ୍ରିୟ କରିବାକୁ ଏହି ସଂଗଠନ ଦ୍ରୁତ କାର୍ଯ୍ୟ ଆରମ୍ଭ କରିଛି । ସମସ୍ତଙ୍କର ଆନ୍ତରିକ ଶୁଭକାମନା ଏହି ଅପୂର୍ବ ଅନନ୍ୟ ମଙ୍ଗଳମୟ ଉଦ୍ଦେଶ୍ୟକୁ ନିଶ୍ଚୟ ସଫଳ କରିବ ବୋଲି ଦୃଢ଼ ଆଶା ଓ ବିଶ୍ୱାସ ।

ଜୟ ଜଗନ୍ନାଥ ।

ପ୍ରତିଷ୍ଠାତ୍ରୀ, ୱାର୍ଲଡ ଓଡିଶା ସୋସାଇଟି
ଦୂରଭାଷ : ୯୯୩୭୧୭୨୮୧୦

# ଏଇ ନବବର୍ଷରେ ଅନ୍ୟ ପାଇଁ ବଞ୍ଚିବାର ସଂକଳ୍ପ ନେବା

ଏ ବିଶ୍ୱ ବ୍ରହ୍ମାଣ୍ଡରେ ମନୁଷ୍ୟ ସର୍ବଶ୍ରେଷ୍ଠ ପ୍ରାଣୀ । ଆମ ହିନ୍ଦୁ ଶାସ୍ତ୍ରରେ ଏହା ବର୍ଣ୍ଣିତ ଅଛିଯେ ମନୁଷ୍ୟ ଜୀବନ ଅତି ଦୁର୍ଲଭ କାରଣ ଏହା ବିଶ୍ୱାସ କରାଯାଏ ଅନେକ ତପସ୍ୟା ଏବଂ ପୁଣ୍ୟ ବଳରେ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ବିଶ୍ୱର ଅନେକ ପ୍ରସିଦ୍ଧ ବୈଜ୍ଞାନିକଙ୍କ ଆକଳନ ଅନୁଯାଇ ୧୮ ଲକ୍ଷ ପ୍ରଜାତିର ଜୀବଙ୍କ ମଧ୍ୟରୁ ମନୁଷ୍ୟ ସର୍ବଶ୍ରେଷ୍ଠ,ସର୍ବଶକ୍ତିମାନ, ବିଚ଼କ୍ଷଣ ବୁଦ୍ଧି ସମ୍ପନ ପ୍ରାଣୀ । ସେଥିପାଇଁ ଶ୍ରୀମଦଭାଗବତମଂ ୭/ ୬/୨ ରେ ଏହା ବର୍ଣ୍ଣିତ ଅଛି,

'କୌମାର ଆଚ଼ରେତ ପ୍ରାଜ୍ଞ ଧର୍ମାନ ଭାଗବତାନିହ ।

ଦୁର୍ଲଭଂ ମାନୁଷଂ ଜନ୍ମ ତଦପ୍ୟ ଧ୍ରୁବମର୍ଥଦମ୍ ।'

ପରମ ଶାସ୍ତ୍ର ଭାଗବତରେ ଏହା ବର୍ଣ୍ଣିତ ରହିଛି ୮୪ଲକ୍ଷ ଜନ୍ମ ପରେ ଦୁର୍ଲଭ ମନୁଷ୍ୟ ଜନ୍ମ ମିଳିଥାଏ । ସେଥିପାଇଁ କୁହାଯାଇଛି ବାଲ୍ୟକାଳରୁ ମନୁଷ୍ୟକୁ ଈଶ୍ୱରଙ୍କ ଆଶ୍ରିତ ହେବା ଅତ୍ୟନ୍ତ ଆବଶ୍ୟକ କାରଣ ଏହି ଦୁର୍ଲଭ ମନୁଷ୍ୟ ଜନ୍ମ କ୍ଷଣିକ ଏବଂ ପରମାର୍ଥ ପ୍ରଦାନ କରିବାରେ ସମର୍ଥ । ଏ ବିଶ୍ୱବ୍ରହ୍ମାଣ୍ଡରେ ଦେଖାଯାଉଥିବା ସମସ୍ତ ସୁନ୍ଦର ବସ୍ତୁ ବଡ଼ ବଡ଼ ଅଟ୍ଟାଳିକାଠାରୁ ଆରମ୍ଭ କରି ନଦୀ ପୁଷ୍କରିଣୀ ଅରଣ୍ୟ ସାଗର ପ୍ରଯ୍ୟନ୍ତ ସବୁଦିନ ମାଟିରେ ମିଶିବ । ଯାହାର ସୃଷ୍ଟି ହୋଇଛି ତାହାର ଧ୍ୱଂସ ସୁନିଶ୍ଚିତ ସେ ସଜୀବ ହୁଅନ୍ତୁ କିମ୍ବା ନିର୍ଜୀବ । ଏହା ଚ଼ିରନ୍ତନ ସତ୍ୟ । ମନୁଷ୍ୟ ଜୀବନ ମଧ୍ୟ କ୍ଷଣସ୍ଥାୟୀ ଚ଼ ପାଣି ଫୋଟକା ପରି ମନୁଷ୍ୟ ର ଆୟୁଷ ମଧ୍ୟ ଅତି ସଂକ୍ଷିପ୍ତ ।

ଜନ୍ମ ଏବଂ ମୃତ୍ୟୁ ମନୁଷ୍ୟର ନିୟଂତ୍ରଣରେ ନଥାଏ ।ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ ସୃଷ୍ଟିକର୍ତ୍ତା ଜଗତର ନାଥ ଜଗନ୍ନାଥଙ୍କ ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହୋଇନଥାଏ । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏକବିଂଶ ଶତାବ୍ଦୀର ଅହଙ୍କାରୀ ସ୍ୱାର୍ଥବାଦୀ ମନୁଷ୍ୟ କାମନା ବାସନା ଓ ମାୟାବନ୍ଧନରେ ଆବଦ୍ଧ ହୋଇ ଈଶ୍ୱରଙ୍କ ଅସିତ୍ୱ ଉପରେ ପ୍ରଶ୍ନବାଚ଼ୀ ସୃଷ୍ଟି କରୁଛି । ମୃତ୍ୟୁ କେତେବେଳେ କେଉଁ ରୂପରେ କାହା ମାଧ୍ୟମରେ ଆସିବ ତାହାକୁ କଳ୍ପନା କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ । ତାହା କେବଳ ସୃଷ୍ଟିକର୍ତ୍ତା ପରମବ୍ରହ୍ମ ଅନାଥର ନାଥ କାଳିଆ ସାଆନ୍ତଙ୍କୁ ଜଣା ।

ଜିତେନ୍ଦ୍ର ଆୱ୍ୱଧ ଏନସିପି ଦଳର ନେତା ଏବେ ନିକଟରେ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସେ ହିନ୍ଦୁଙ୍କ ଆରାଧ୍ୟ ଦେବତା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କୁ ଆମିଷ ଭକ୍ଷଣକାରୀ ବୋଲି ଦର୍ଶାଇଥିଲେ ଯାହାକି ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ କରିଛି । ସେହିପରି କଂଗ୍ରେସ ନେତା ଅଞ୍ଜନେୟ କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ପ୍ରଭୁ ଶ୍ରୀରାମ ସହ ତୁଳନା କରିଛନ୍ତି ଏହା ଅତ୍ୟନ୍ତ ହୀନ ଏବଂ ଶସ୍ତା ରାଜନୀତି । ସମାଜବାଦୀ ଦଳର ନେତା ସ୍ୱାମୀ ପ୍ରସାଦ ମୌରିୟା ହିନ୍ଦୁ ଧର୍ମ ବିରୁଦ୍ଧରେ ଅତ୍ୟନ୍ତ ଆପତ୍ତିଜନକ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ଏହିପରି ଅନେକ କ୍ଷମତାପିପାଷୁ ରାଜନେତା ଭୋଟ ବ୍ୟାଙ୍କ ରାଜନୀତି ପାଇଁ ବିଭିନ୍ନ ଧର୍ମ ବିରୋଧୀ ମନ୍ତବ୍ୟ ଦେବାରେ ପଛଘୁଞ୍ଚା ଦେଉନାହାନ୍ତି । କିଛି ଦିନ ପୂର୍ବରୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନଙ୍କ ପୁଅ ଉଦୟନିଧି ଷ୍ଟାଲିନ ଏବଂ ଡିଏମକେର ଅନ୍ୟତମ ବରିଷ୍ଠ ନେତା ଏ ରାଜା ହିନ୍ଦୁ ସନାତନ ଧର୍ମ ବିରୁଦ୍ଧରେ ଦେଇଥିବା ମନ୍ତବ୍ୟ ଅତ୍ୟନ୍ତ ଅଶୋଭନୀୟ ଏବଂ ଦୁର୍ଭାଗ୍ୟଜନକ ।

କିଛିଦିନ ପୂର୍ବରୁ ଉଦୟନିଧି ଷ୍ଟାଲିନ କଳାକାର ଓ ଲେଖକଙ୍କ ପକ୍ଷରୁ ଆୟୋଜିତ ସଭାରେ ହିନ୍ଦୁ ସନାତନ ଧର୍ମ ବିରୋଧ ରେ ଅଶାଳୀନ ମନ୍ତବ୍ୟ ଦେଇଥିଲେ । ସେ ସନାତନ ଧର୍ମକୁ ଡେଙ୍ଗୁ ମେଲେରିଆ ସହିତ ତୁଳନା କରିଥିଲେ । ଏବଂ ଏହାକୁ ସମ୍ପୂର୍ଣ୍ଣ ମୂଳଉତ୍ପାଟନ କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଥିଲେ । ଏତାଦୃଶ ଘୃଣା ଏବଂ ହିଂସା ଉଦ୍‌ରେକକାରୀ ମନ୍ତବ୍ୟ ପାଇଁ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଦେଶର ୨୬୦ ଜଣ ପ୍ରମୁଖ ବ୍ୟକ୍ତିବିଶେଷ ସର୍ବୋଚ୍ଚ଼ ନ୍ୟାୟଳୟର ପ୍ରଧାନ ବିଚ଼ାରପତି ଡିୱାଇ ଚ଼ନ୍ଦ୍ରଚୂଡ଼ କଂ ନିକଟକୁ ଚ଼ିଠି ଲେଖିଛନ୍ତି । ଚ଼ିଠି ଲେଖିଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି ଦିଲ୍ଲୀ ଉଚ୍ଚ଼ ନ୍ୟାୟଳୟର ପୂର୍ବତନ ବିଚ଼ାରପତି ଏସ ଏନ ଧୀଙ୍ଗ୍ରା ଚ଼ିଠିରେ ଉଲ୍ଲେଖ କରାଯାଇଛି ଯେ ଉଦୟନିଧି ଦେଇଥିବା ମନ୍ତବ୍ୟ ହିଂସା ଓ ଘୃଣା ସୃଷ୍ଟିକାରୀ । ସେଥିପାଇଁ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ଏହାଛଡା ତାମିଲନାଡୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାରୁ, ରାଜ୍ୟ ସରକାରଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିବାକୁ ଦାବି କରାଯାଇଛି । ସେ ଚ଼ିଠିରେ ଆହୁରି ମଧ୍ୟ ଏହା ଉପସ୍ଥାପନ କରାଯାଇଛି କି ଭାରତ ଭଳି ଧର୍ମନିରପେକ୍ଷ ରାଷ୍ଟ୍ରରେ ଘୃଣା ଉଦ୍‌ରେକକାରୀ ମନ୍ତବ୍ୟ ସମ୍ବିଧାନର ଧର୍ମନିରପେକ୍ଷ ଧାରା ଉପରେ ହସ୍ତକ୍ଷେପ ସଦୃଶ ବୋଲି ଚ଼ିଠିରେ ଉପସ୍ଥାପନା କରାଯାଇଛି ।



ଆଶୁତୋଷ ନାୟକ

ଉଦୟ ନିଧିଙ୍କ ମନ୍ତବ୍ୟ ସହିତ ସମସ୍ୱରମିଳାଇ ଡି ଏମ୍ କେ ର ଅନ୍ୟତମ ବରିଷ୍ଠ ନେତା ଏ ରାଜା ସର୍ବପୁରାତନ ସନାତନ ଧର୍ମକୁ ସମାଜରେ ଘୃଣିତ ଏଚ୍ ଆଇ ଭି (ଏଡସ୍) ଓ କୁଷ୍ଠ ରୋଗ ସହିତ ତୁଳନା କରିଛନ୍ତି । ଚେନ୍‌ନେଇ ର ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଇ ଏ ରାଜା ସନାତନ ଧର୍ମକୁ ଏଚ୍ ଆଇ ଭି ଓ କୁଷ୍ଠ ରୋଗଭଳି ଘୃଣା କରାଯିବା ଦରକାର ବୋଲି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି ।

ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ । ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚ଼ିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚ଼ିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା ।

କ୍ଷମତା ପିପାସୁ ରାଜନେତା ସଂଖ୍ୟାଲଘୁ ସଂପ୍ରଦାୟକୁ ଖୁସି କରାଇବା ଲକ୍ଷ୍ୟରେ ଦିଆଯାଉଥିବା ହିନ୍ଦୁ ସନାତନ ଧର୍ମ ବିରୋଧରେ ମନ୍ତବ୍ୟ ଅଗଣିତ ହିନ୍ଦୁଙ୍କ ଭାବାବେଗ ଉପରେ କୁଠାରଘାତ । ସଂଯମତା, ଶାଳୀନତା ଏବଂ ନୈତିକ ମୂଲ୍ୟବୋଧ ର ଅଭାବ ଥିବା ଏକବିଂଶ ଶତାବ୍ଦୀର ରାଜନେତା ଏହାକୁ ଭୁଲିଯାଇଛନ୍ତି ସର୍ବପୁରାତନ ସନାତନ ଧର୍ମର ଅପମାନ ଅର୍ଥ ଅନନ୍ତ କୋଟି ବ୍ରହ୍ମାଣ୍ଡନାୟକ ବଡଠାକୁର ଜଗତରନାଥ ଜଗନ୍ନାଥଙ୍କ ମର୍ଯ୍ୟାଦାହାନି । ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ଅହିଂସା ।

ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ନିଜକୁ ସର୍ବଶ୍ରେଷ୍ଠ ସର୍ବଶକ୍ତିମାନ ମନେକରୁଥିବା ଏକବିଂଶ ଶତାବ୍ଦୀର ମନୁଷ୍ୟ ପୁଳା ପୁଳା ଟଙ୍କା ବାଟି ବାଟି ସମ୍ପତ୍ତିର ଅଧିକାରୀ ହୋଇମଧ୍ୟ ଅନେକ ବ୍ୟକ୍ତି ଅଶାନ୍ତିରେ କାଳାତିପାତ କରୁଛନ୍ତି । ସବୁକିଛି ସୁଖ ସ୍ୱାଛନ୍ଦ୍ୟ, ଦାମୀ ଗାଡି, ସୁରମ୍ୟ ଅଟ୍ଟାଳିକା,ସୁନା,ରୁପା, ହୀରା ଅଳଙ୍କାର ଥିଲେ ମଧ୍ୟ ମାନସିକ ଅବସାଦ ଏବଂ ଅତ୍ୟଧିକ ଚ଼ାପଗ୍ରସ୍ତ ହୋଇ ସୁଶାନ୍ତ ସିଂ ରାଜପୁତଙ୍କ ଠାରୁ ଆରମ୍ଭ କରି ଅନେକ ହିନ୍ଦୀ, ତେଲୁଗୁ, କନ୍ନଡ଼ ସିନେମା ଅଭିନେତା, ଉଚ୍ଚପ୍ରଦସ୍ତ ଅଧିକାରୀ,ପୋଲିସ ଅଫିସର, ଆଇଏସ ଅଫିସର ଆତ୍ମହତ୍ୟାର ରାସ୍ତା ବାଛିନେଉଛନ୍ତି ।ଏହାର ଅନେକ ଦୃଷ୍ଟାନ୍ତ ରହିଛି ।

ନିଶାଦ୍ରବ୍ୟ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ଜାଣି ମଧ୍ୟ ମନୁଷ୍ୟ ନିଶାଦ୍ରବ୍ୟ ସେବନ କରୁଛି । ମଦ୍ୟପାନ ଠାରୁ ଆରମ୍ଭ କରି ପାନ,ଗୁଟକା , ସିଗାରେଟ, ହିରୋଇନ,ଡ୍ରଗସ ସେବନ କରି ନିଜ ଜୀବନକୁ ରସାତଳଗାମୀ କରିଦେଉଛି ଏବଂ ତା ସହିତ ତାର ହସ ଖୁସି ପରିବାରକୁ ନଷ୍ଟ କରିଦେଉଛି । ସେଥିପାଇଁ ପରମଶାସ୍ତ୍ର ଭାଗବତ ରେ କୁହାଯାଇଛି,


'ଆପଣା ହସ୍ତେ ଜିହ୍ୱା ଛେଦି
କେ ଅଛି ତାର ପ୍ରତିବାଦୀ '

ଏହାର ଅର୍ଥ ମନୁଷ୍ୟ ନିଜେ ନିଜକୁ ଧ୍ୱଂସ କରୁଛି । ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା ଅତ୍ୟନ୍ତ ମରାତ୍ମକ ବ୍ୟାଧି ଯେପରି କ୍ୟାନସର,ଶ୍ୱାସ ରୋଗ, ହୃଦରୋଗ, କିଡ଼ନୀ ଜନିତ ଗମ୍ଭୀର ରୋଗ ଏହିପରି ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ମନୁଷ୍ୟ ଠାରେ ପରିଲକ୍ଷିତ ହେଉଛି । ଏବେ ନିକଟରେ ଓଡ଼ିଆ ସିନେଜଗତରେ ଜଣେ ଆଗଧାଡିର ଅଭିନେତା ସାତ୍ୟକି ମିଶ୍ର ସମଗ୍ର ଓଡିଶା ବାସୀଙ୍କୁ ନିଜର ଭିଡିଓ ସନ୍ଦେଶ ମାଧ୍ୟମରେ ନିଶାଦ୍ରବ୍ୟ ସେବନ ନକରିବା ପାଇଁ ସମସ୍ତଙ୍କୁ ନିବେଦନ କରିଛନ୍ତି । ସେ ନିଜେ ନିଶାଦ୍ରବ୍ୟ ସେବନ କରିବା ଦ୍ୱାରା କିପରି ଏକ ବର୍ଷ ଧରି ଜୀବନ ମୃତ୍ୟୁ ସହିତ ସଂଗ୍ରାମ କରି କଷ୍ଟ ପାଇଛନ୍ତି ତାହା ଉପସ୍ଥାପନା କରିଛନ୍ତି । ଆମ ସମାଜରେ ଏପରି ଅନେକ ବ୍ୟକ୍ତି ଅଛନ୍ତି ଯେଉଁମାନେ ଅର୍ଥ ଏବଂ ଧନସମ୍ପତ୍ତିକୁ ନିଜର ସର୍ବସ୍ୱ ମନେକରନ୍ତି । ସ୍ନେହ, ପ୍ରେମ,ଆନ୍ତରିକତା, ମାନବିକତା, ଦୟା, କ୍ଷମା, ଆଦର୍ଶତା, ନିଷ୍ଠା, ନୈତିକ ମୂଲ୍ୟବୋଧ, ନିସ୍ୱାର୍ଥପରତା, ତ୍ୟାଗ ସେମାନଙ୍କ ପାଇଁ ମୂଲ୍ୟହୀନ । ନିଜର ଏବଂ ନିଜ ପରିବାର ବ୍ୟତୀତ ଅନ୍ୟ କଥା ଭାବିବା ପାଇଁ ତାଙ୍କ ପାଖରେ ସମୟ ନଥାଏ । ସେମାନେ ସଦାସର୍ବଦା ନିଜର ସ୍ୱାର୍ଥ ପାଇଁ ଅନ୍ୟମାନଙ୍କ ସହିତ ବନ୍ଧୁତା ସ୍ଥାପନ କରିଥାନ୍ତି ।ଆପେ ବଞ୍ଚିଲେ ବାପର ନାଁ ନୀତିରେ ସେମାନେ ସଦାସର୍ବଦା କାର୍ଯ୍ୟ କରନ୍ତି । ଏକବିଂଶ ଶତାବ୍ଦୀର ସ୍ୱାର୍ଥବାଦୀ ମନୁଷ୍ୟ ଅହଂକାରରେ ବଶବର୍ତ୍ତୀ ହୋଇ ଅର୍ଥ ଏବଂ ପ୍ରାଚୁର୍ଯ୍ୟ ବଳରେ ଅନ୍ଧ ହୋଇ ନିଜକୁ ସର୍ବଶ୍ରେଷ୍ଟ, ସର୍ବଶକ୍ତିମାନ ମନେକରୁଛି । ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି କଳିଯୁଗ ମନୁଷ୍ୟର ଔଦ୍ଧତ୍ୟ ଏବେ ଚ଼ରମସୀମାରେ । ଈଶ୍ୱରଙ୍କ ସୁନ୍ଦର ସୃଷ୍ଟି ପ୍ରକୃତିକୁ ଧ୍ୱଂସ କରିବାରେ ସେ ବ୍ୟଗ୍ର । ଅନେକ ଜଙ୍ଗଲ, ଗଛଲତାକୁ ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ଧ୍ୱଂସ କରିଦେଉଛି । ଏହାଛଡା ନିରୀହ ପଶୁ,ପକ୍ଷୀଙ୍କ ଉପରେ ସ୍ୱାର୍ଥବାଦୀ ମନୁଷ୍ୟ ନିଷ୍ଠୁରତା, ବର୍ବରତା ଆଚ଼ରଣ କରୁଛି । କେତେବେଳେ ସେମାନଙ୍କ ଉପରେ ଏସିଡ, ଗରମ ପାଣି ପକାଇଦଉଚ଼ି, ସେମାନଙ୍କ ଖାଉ ଥିବା ଖାଦ୍ୟରେ ବିଷ ମିଶାଇଦଉଚ଼ି ତ ଆଉ କେତେବେଳେ ସେମାନଙ୍କୁ ହତ୍ୟା କରି ସେମାନଙ୍କ ମାଂସ ଭକ୍ଷଣ କରୁଛି । ଝିଟିପିଟି ଯେପରି ରାତିସାରା ଅନେକ ପୋକ ଝିଣ୍ଟିକା ଖାଇ ପ୍ରାତଃ ସମୟରେ ମହାପୁରୁଷଙ୍କ ଫୋଟ ପଛପଟେ ଲୁଚ଼ି ଯାଏ ଏକ ବିଂଶ ଶତାବ୍ଦୀ ମନୁଷ୍ୟର ଚ଼ରିତ୍ର ଠିକ୍ ସେହିପରି । ୧୪୦ଖଣ୍ଡ କାରରେ ବସି ବୁଲୁଥିବା ଏବଂ ୧୦୦୦୦କୋଟିରୁ ଅଧିକ ସମ୍ପତ୍ତିର ଅଧିକାରୀ ଥିବା ଆମ ଓଡିଶାର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ବହୁ ଚେଷ୍ଟା କରି ମଧ୍ୟ ନିଜ ଜୀବନ ବଞ୍ଚାଇପାରିନଥିଲେ । ଯଦି ପୁଳାପୁଳା ଟଙ୍କା ବାଟି ବାଟି ସମ୍ପତ୍ତି ବଳରେ ସବୁକିଛି ହୋଇପାରୁଥାନ୍ତା ତାହେଲେ ସବୁ ନେତା, ମନ୍ତ୍ରୀ, ଅଫିସର ଅମର ହୋଇଯାଇଥାନ୍ତେ । ସେଥିପାଇଁ ଆମ ଶାସ୍ତ୍ରରେ କୁହାଯାଇଛି ।

'ଦଇବ ଦଉଡି ମଣିଷ ଗାଇ
ଯେଣିକି ଟାଣଇ ଶେଣିକି ଯାଇ'

ଆସନ୍ତୁ ଏଇ ନୂତନ ବର୍ଷକୁ ସ୍ୱାଗତ କରିବା ସହିତ ସଂକଳ୍ପ ନେବା ଆମ ରାଷ୍ଟ୍ର ତଥା ବିଶ୍ୱର କଲ୍ୟାଣ ପାଇଁ ଈଶ୍ୱରଙ୍କ ପାଖରେ ହାତଯୋଡି ପାର୍ଥନା କରିବା ଏବଂ ଅନ୍ୟ ପାଇଁ ବଞ୍ଚିବାର କଳା ଶିଖିବା, ନିଜ ମନ ଭିତରେ ଥିବା ଅହଂଭାବ ଓ ଆତ୍ମବଡିମା ପରିତ୍ୟାଗ କରିବା

*ଗୋପାଳପୁର,ବାଲେଶ୍ୱର*
*ମୋବାଇଲ-୭୦୨୦୬୧୧୩୦୦*




# ଅପରିଚିତା


ପୂର୍ଣ୍ଣଚନ୍ଦ୍ର ବହଳୀ

ଟ୍ରେନଟି ତାର ଗନ୍ତବ୍ୟ ପଥରୁ ଯାତ୍ରା ଆରମ୍ଭ କରିସାରିଥିଲା । ଗୋଟିଏ ଡବାରେ ବିକ୍ରାନ୍ତ ନାମକ ଏକ ଯୁବକ ବସିଥିଲେ । ସେହି ଡବାରେ ଏକ ଯୁବତୀ ବସିଥିଲେ । ବିକ୍ରାନ୍ତର ନଜର ଉକ୍ତ ଯୁବତୀ ଉପରେ ପଡିଲା । ଯୁବତୀର ରୂପ ଲାବଣ୍ୟ ରେ ବିକ୍ରାନ୍ତ ଯୁବତୀ ଉପରୁ ଆଖି ଫେରାଇ ପାରୁ ନ ଥିଲେ । ଯୁବତୀକୁ ଅନାଇ ଅନାଇ କେତେ କଣ ଭାବି ଚାଲିଥିଲେ ବିକ୍ରାନ୍ତ କ୍ଷ ହଠାତ ଟ୍ରେନ ଟି ଧଡ଼କିନା ହୋଇ ରହିଗଲା । ବିକ୍ରାନ୍ତ ଚମକି ପଡି ପ୍ରକୃତିସ୍ଥ ହୋଇ ଦେଖିଲେ ତାହା ଏକ ଛୋଟ ଷ୍ଟେସନ । ଯୁବତୀ ଜଣକ ସେହିଠାରେ ହିଁ ଓହ୍ଲାଇ ଗଲେ । ଯୁବତୀ ଟି ଏତେଶୀଘ୍ର ତାଙ୍କ ଆଖି ଆଗରୁ ଚାଲିଯିବେ ତାହା ଭାବି ନ ଥିଲେ । ବିକ୍ରାନ୍ତକୁ କାହିଁକି କିଛି ଭଲ ଲାଗିଲା ନାହିଁ । ତେବେ କୌଣସି ପରିଚ୍ୟ ନ ଥିବା ଯୁବତୀ ପାଇଁ ଏପରି ଭାବିବା ଠିକ ନୁହେଁ ଚିନ୍ତା କଲେ । ଏହା ଭିତରେ ବିକ୍ରାନ୍ତଙ୍କ ଗନ୍ତବ୍ୟସ୍ଥଳ ହୋଇଯାଇଥିଲା କ୍ଷଟ୍ରେନ ଟି ରହିବା ପରେ ସେ ସେଠାରେ ଓହ୍ଲେଇ ନିଜ କର୍ମସ୍ଥଳୀ ଅଭିମୁଖେ ଚାଲିଲେ । ପରଦିନ ବି ଟ୍ରେନରେ ସେହି ଯୁବତୀକୁ ଦେଖିଲେ ଏବଂ ଯୁବତୀ ଯେ ଜଣେ କର୍ମଜୀବି ବୋଲି ଅନୁଭବ କଲେ । ଟ୍ରେନରେ ପ୍ରତ୍ୟେକ ଦିନ ଯୁବତୀ ଜଣକ ଯିବା ଆସିବା ଭିତରେ ସାମାନ୍ୟ ପରିଚ୍ୟରୁ ବିକ୍ରାନ୍ତ ତାଙ୍କ ନାମ ଅନନ୍ୟା ବୋଲି ଜାଣିଲେ । ବିକ୍ରାନ୍ତ ମନେ ମନେ ଅନନ୍ୟାକୁ ଭଲ ପାଇବସିଲେ ଓ କୌଣସି ନା କୌଣସି ବାହାନାରେ ତାଙ୍କ ସହ ମିଶିବାକୁ ଚେଷ୍ଟା କରନ୍ତି । କିନ୍ତୁ ତାଙ୍କ ସହ କଥା ହେବା କିମ୍ବା ମିଶାମିଶି କରିବାରେ ଅନନ୍ୟାଙ୍କର ବିଶେଷ ରୁଚି ନ ଥିଲା । ତେଣୁ ବିକ୍ରାନ୍ତ ମନ କଥା ମନରେ ରଖି କେବଳ ଅନନ୍ୟାକୁ ପ୍ରତ୍ୟେକ ଦିନ ଦେଖିବାରେ ହିଁ ଆତ୍ମସନ୍ତୋଷ ପାଆନ୍ତି । ଏହିପରି କିଛି ମାସ ଗଲା ପରେ ଦିନେ ଦେଖିଲେ ଗୋଟିଏ ଯୁବକ ଅନନ୍ୟାଙ୍କ ସହ ବସି କଥା ହେଉଛନ୍ତି । ବିକ୍ରାନ୍ତଙ୍କ ମନ ଛଟପଟ ହେଲା। ବିକ୍ରାନ୍ତ ଅନନ୍ୟାଙ୍କ ପ୍ରତି ଏତେ ଆକୃଷ୍ଟ ହୋଇପଡ଼ିଥିଲେ ଯେ ସେ ଆଉ କାହା ସହ ବସି କଥା ହେବା ସହ୍ୟ କରିପାରୁ ନଥିଲେ । କିନ୍ତୁ କ୍ରମଶଃ ଯେତେବେଳେ ଜାଣିଲେ ଯେ ସେ ଯୁବକ ତାଙ୍କ ସ୍ୱାମୀ ତାଙ୍କ ମନ ଉଦାସ ହୋଇଗଲା । ତେବେ ସେ ଅନନ୍ୟାକୁ କେବଳ ଦେଖିବାରେ ତୃପ୍ତି ପାଆନ୍ତି ।

ଏହିପରି କିଛି ଦିନ କଟିଗଲା । ଦିନେ ବିକ୍ରାନ୍ତ ଦେଖିଲେ ଯେ ସେ ଯୁବକ କିମ୍ବା ଅନନ୍ୟା କେହି ଟ୍ରେନରେ ନାହାନ୍ତି । ପରଦିନ ମଧ୍ୟ ତାଙ୍କୁ ଟ୍ରେନରେ ଯିବା କିମ୍ବା ଆସିବାର ଦେଖିଲେ ନାହିଁ । ମାସ ମାସ ଧରି ସେମାନେ କେହି ବି ଟ୍ରେନରେ ଯିବାର କିମ୍ବା ଆସିବାର ନ ଦେଖିବାରୁ ବିକ୍ରାନ୍ତଙ୍କ ପକ୍ଷେ କିଛି ଜାଣିବା ସମ୍ଭବପର ନ ଥିଲା । ହଠାତ ଦିନେ ସେହିଭଳି ଏକ ଯୁବକକୁ ଟ୍ରେନରେ ଚଢ଼ିବାର ଦେଖି ବିକ୍ରାନ୍ତ ମଧ୍ୟ ତାଙ୍କ ପଛେ ଡବାରେ ଉଠିଲେ। ଯୁବକଙ୍କର ଦାଢ଼ି, ନିଶ ବାଳ ବୃଦ୍ଧି ପାଇଥିବାରୁ ସେ ଯୁବକ ସେହି କି ଅନ୍ୟ କେହି ଚିହ୍ନିବା ଟିକେ କଷ୍ଟସାଧ ଥିଲା । ବିକ୍ରାନ୍ତ ଯାଇ ସେହି ଯୁବକଙ୍କ ନିକଟରେ ପହଂଚି ବାର୍ତ୍ତାଳାପ କଲେ ଓ ନିଶ୍ଚିତ ହେଲେ ଯେ ଉକ୍ତ ଯୁବକ ହିଁ ଅନନ୍ୟାଙ୍କ ସ୍ୱାମୀ । ବିକ୍ରାନ୍ତ କହିଲେ କିଛି ନ ଭାବିବେ ଯଦି ଗୋଟିଏ କଥା ପଚାରନ୍ତି । ଯୁବକ କହିଲେ ନାହିଁ ନାହିଁ ପଚାରନ୍ତୁ । ବିକ୍ରାନ୍ତ କହିଲେ ଆପଣ ଆଜି ଏକା... ଓ ବିକ୍ରାନ୍ତ ଯୁବକ ଜଣକଙ୍କ ମୁହଁରେ ଉଦାସ ଭାବ ଲକ୍ଷ୍ୟ କଲେ । ବିକ୍ରାନ୍ତ କହିଲେ ସରି ମୁଁ କିଛି ଭୁଲ କଥା ପଚାରି ଦେଲି କି ? । ଯୁବକ ଜଣକ କହିଲେ ନା ନା ତାଙ୍କ ବିଷୟ କେହି ବି ପଚାରିଲେ ମୁଁ ଅସହାୟ ବୋଧ କରେ । ମୋ ଆଖିରେ ତାଙ୍କ ଚିତ୍ର ଓ ସ୍ମୃତି ଗୋଟି ଗୋଟି ହୋଇ ନାଚି ଉଠେ କାରଣ ସେ ଆଉ ଇହଧାମରେ ନାହାନ୍ତି । ବିକ୍ରାନ୍ତ କହିଲେ ମୁଁ ଦୁଃଖିତ ବନ୍ଧୁ ତେବେ କାହିଁକି କେଜାଣି ମୋର ତାଙ୍କ ବିଷୟରେ ଟିକେ ଜାଣିବାକୁ ଇଚ୍ଛା ହେଉଛି। ତେବେ ଶୁଣ ବନ୍ଧୁ ଘଟଣାଟି ହେଲା....

ଅନନ୍ୟା ହେଉଛନ୍ତି ଜଣେ ବଡ଼ କମ୍ପାନୀର ମ୍ୟାନେଜେରଙ୍କ ଝିଅ । ମୁଁ ଥିଲି ମଧ୍ୟବିତ୍ତ ପରିବାରର ପୁଅ । କଲେଜରେ ପଢିବା ସମୟରେ କ୍ରମଶଃ ଆମର ବନ୍ଧୁତ୍ୱ ସ୍ଥାପନ ହେବା ସହ ପରସ୍ପର ଭଲ ପାଇ ବସିଲୁ । ଶିକ୍ଷା ସମାପ୍ତ ପରେ ଦୁଇଜଣ ଯାକ ଭଲ କମ୍ପାନୀରେ ଚାକିରୀ ପାଇଲୁ । ଏହା ପରେ ଆମେ ସ୍ଥିର କଲୁ ଏ ବିଷୟ ଘରେ ଜଣାଇ ବିବାହ ପାଇଁ ପ୍ରସ୍ତାବ ଦେବା । ଦୁଇ ପରିବାର ଏଥିପାଇଁ ସମ୍ମତି ଦେଇଥିଲେ । ତେବେ ବିବାହ କାର୍ଯ୍ୟ କେବେ ହେବ ସ୍ଥିର ହୋଇ ନଥିଲା । ଇତିମଧ୍ୟରେ ଅନନ୍ୟାଙ୍କ ପିତାଙ୍କ ହୃଦଘାତରେ ମୃତ୍ୟୁ ହୋଇଯିବା ପରେ ଏକ ବର୍ଷ ପରେ ଆମେ ବିବାହ ବନ୍ଧନରେ ବାନ୍ଧିହେଲ। ଦୈନନ୍ଦିନ ଜୀବନ ସୁରୁଖୁରୁରେ ଗତି କରୁଥିଲା । ଆଠ ମାସ ଅନ୍ତରରେ ଅନନ୍ୟାଙ୍କ ଦେହ ଅସୁସ୍ଥ ହୋଇପଡିଲା । ତାଙ୍କୁ ମୁଁ ଡାକ୍ତର ପାଖକୁ ନେଇ ଯାଇଥିଲି କିନ୍ତୁ ଡାକ୍ତର ସେଭଳି କିଛି ବ୍ୟସ୍ତ ହେବାର ନାହିଁ କହି ସାମାନ୍ୟ ଔଷଧ ଦେଇ ପଠାଇଦେଲେ । ଏହାପରେ ଅନନ୍ୟାଙ୍କର ଅନ୍ୟ ଏକ ସ୍ଥାନକୁ ବଦଳି ହୋଇଗଲା । ଫଳରେ ସେ ସେଠାରେ ଘରଭଡା ନେଇ ରହିଲେ । କିଛିଦିନ ପରେ ପୁଣି ସେ ଅସୁସ୍ଥ ଅନୁଭବ କଲେ । କିନ୍ତୁ ମୋତେ ନ ଜଣାଇ ସେ ଯେଭଳି ପୁରା ସୁସ୍ଥ ସେହିଭଳି ବ୍ୟବହାର କରୁଥିଲେ । ଛୁଟିରେ ଆମେ ଏକତ୍ର ରହୁଥିବା ବେଳେ ମଧ୍ୟ ତାଙ୍କର ଭାବଭଙ୍ଗୀ ଓ କଥାବାର୍ତ୍ତାରେ ଅସୁସ୍ଥ ଥିବାର କୌଣସି ଲକ୍ଷଣ ଜଣାପଡୁନଥିଲା କିନ୍ତୁ ମୋ ପ୍ରତି ତାଙ୍କର ଭଲପାଇବା ପୂର୍ବାପେକ୍ଷା ବଢ଼ି ଯାଇଥିଲା । ଦିନେ ସେ କହିଲେ ତୁମେ ଆଉ ଗୋଟିଏ ଝିଅ ଦେଖୁନ । ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ମାନେ.. ଓ ସେ କହିଲା ଆମେ ତ ଚାକିରୀ କରୁଛନ୍ତି, ବିନା ଚାକରିଆ ଝିଅଟେ ବାହାହେଲେ ତୁମର ଅଧିକ ଯତ୍ନ ନେଇପାରିବ ।

ମୋତେ କାହିଁକି କଥାଟା କେମିତି କେମିତି ଲାଗିଲା । ମୋର ମନ ଖରାପ ହେବା ଦେଖି କହିଲା ନାହିଁ ମ ଏମିତି ଥଟ୍ଟାରେ କହୁଥିଲି ନା । ତେବେ ମୋତେ କାହିଁକି ଅନାନ୍ୟାଙ୍କ କଥା ଥଟ୍ଟା ବୋଲି ଲାଗିଲା ନାହିଁ । ବାରମ୍ବାର ତାର ସେ କଥା ମୋତେ ଅସ୍ଥିର କରୁଥିଲା । ମୁଁ ତାକୁ ନ ଜଣାଇ ଦିନେ ହଠାତ ତା ଅଫିସରେ ପହଂଚିଲି । କିନ୍ତୁ ସେ ଅଫିସରେ ନ ଥିଲେ । ସେଠାକାର ଜଣେ ମାଡାମ କହିଲେ ସିଏ ତ ମାସେ ହେବ ଅଫିସ ଆସୁନାହାନ୍ତି । ମୁଁ ବହୁତ ବ୍ୟସ୍ତ ହୋଇପଡିଲି । ସଂଗେ ସଂଗେ ଯାଇ ସେ ରହୁଥିବା ଭଡଘରେ ପହଂଚିଗଲି । କଲିଂ ବେଲ ମାରିଲା ପରେ ଅନନ୍ୟା ଆସି କବାଟ ଖୋଲି ମୋତେ ଦେଖି ବ୍ୟସ୍ତ ହୋଇପଡିବା ଅନୁଭବ କଲି । ଦୁଇଜଣ ଭିତରକୁ ଗଲାପରେ ସିଏ କିଛି କହିବାକୁ ଯାଉଥିଲା । ମନର ବ୍ୟସ୍ତତା ଭିତରେ ରାଗ ବି ଆସୁଥିଲା। ମୁଁ କହିଲି ତୁମର କିଛି କହିବା ଦରକାର ନାହିଁ । ଆଗ କୁହ ଅଫିସ ନ ଯାଇ ଛୁଟିରେ ବସାରେ ରହୁଛ ଅଥଚ ମୋତେ ଏ କଥା ଲୁଚାଇବାର ମାନେ କଣ । ସେ କହିଲା କିଛି ନୁହେଁ ମୁଁ ଟିକେ ଚା କରିଆଣେ । ତାକୁ ଟାଣିନେଇ ଚେୟାର ଉପରେ ବସାଇ ମୁଁ ବସିପଡି କହିଲି ତୁମକୁ ମୋ ରାଣ ସତ ସତ କୁହ ଘଟଣା କଣ । ଏହାପରେ ସେ କାନ୍ଦିବାକୁ ଲାଗିଲା । ମୁଁ କଣ କରିବି କିଛି ବୁଝି ପାରିଲିନାହିଁ। ତାର କାନ୍ଦ ଦେଖି ମୋର ରାଗ କୁଆଡେ ଉଭେଇଗଲା ଓ ମୋ ଆଖିରେ ବି ଲୁହ ଆସିଗଲା ।

ମୋ ଲୁହକୁ ତା ପଣତକାନିରେ ପୋଛିଦେଇ ଯାହା କହିଲା ମୁଁ ଶୁଣି ସାରିଲା ପରେ ମୁଁ ଜଡ଼ ପାଲଟିଗଲା ଭଳି ଅନୁଭବ କଲି । ସେ ଉଠି ଆସି ତଳେ ବସି ତା ମୁଣ୍ଡ ମୋ ଗୋଡ଼ଉପରେ ରଖି ଆହୁରି ଜୋରରେ କାନ୍ଦିଲା । ଅନନ୍ୟା ଯେ କେନସର ରୋଗରେ ପୀଡିତ ଓ ତାର ଆୟୁଷ ମାତ୍ର ଆଉ ଛଅ ସାତ ମାସର ଏହା ବିଶ୍ୱାସ କରିବା ମୋ ଆୟତ୍ତ ବାହାରେ ଥିଲା । ମୁଁ କହିଲି କଣ କହୁଛ ଅନନ୍ୟା । ମୁଁ ତୁମକୁ ନିଶ୍ଚୟ ବଞ୍ଚାଇବି ।

ସେ କାଳେ ଭଲ ହୋଇଯିବ ଭାବି ମୋତେ ନ ଜଣାଇ ବିଭିନ୍ନ ଡାକ୍ତରଙ୍କ ସହ ପରାମର୍ଶ ପାଇଁ ଛୁଟି ନେଇ ରହିଥିଲା । ଏହାପରେ ମୁଁ ବହୁତ ବଡ଼ ବଡ଼ ଡାକ୍ତରଙ୍କୁ ମଧ୍ୟ ଦେଖାଇଥିଲି କିନ୍ତୁ କେନସର ଭଲ ହେବା ସମ୍ଭବ ନୁହେଁ ବୋଲି ସମସ୍ତେ କହିଥିଲେ। ମୁଁ ତାଙ୍କୁ ନେଇ ମୋ ବସାକୁ ଫେରିଆସିଥିଲି କ୍ଷ ଘରେ ବସି ବସି ବୋର ହେବା ପରିବର୍ତ୍ତ ? ସେ ପୁନର୍ବାର ଅଫିସରେ କାର୍ଯ୍ୟକରିବାକୁ ଚାହିଁଲା । ଏଥି ସହିତ ଯେତିକି ଦିନ ସେ ବଂଚିବ ମୋ ସହିତ କଟାଇବା ତାର ଇଛା ଥିଲା ତେଣୁ ମୁଁ ତାକୁ ଦଣ୍ଡେ ବି ଏକା ଛାଡେ ନାହିଁ । ତାର ଏଭଳି ଅବସ୍ଥାରେ ଯେତେବେଳେ ଚାହିଁବେ ଆସିବେ ଓ ଯିବେ ବୋଲି ମ୍ୟାନେଜେର ମଧ୍ୟ ଅନୁମତି ଦେଇଥିଲେ । ତେଣୁ ପ୍ରତ୍ୟେକ ଦିନ ସଙ୍ଗରେ ନେଇ ଯାଏ ଓ ବାହାରେ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରେ । ସାଙ୍ଗ ହୋଇ ଫେରୁ ।

ତାର କେତେକ କାଗଜପତ୍ର ଅଫିସରେ ଦେବାର ଥିବାରୁ ଆଜି ଯାଉଛି । ବିକ୍ରାନ୍ତ କହିଲା ଆପଣ ଏବେ କିଭଳି ସମୟ କଟାଉଛନ୍ତି । ଆଉ ଏକ ଜୀବନସାଥୀ ପାଇବା ପାଇଁ ଚେଷ୍ଟାରେ ଅଛନ୍ତି କି ନାହିଁ ପଚାରିବାରୁ ଯୁବକ ଜଣକ କହିଲେ ମୁଁ ଆଉ ବିବାହ କରିବି ନାହିଁ ସ୍ଥିର କରିଛି । ତାର ସ୍ମୃତିରେ ଏକ କ୍ୟାନ୍ସର ହସ୍ପିଟାଲ କରିବି ।

ଇତିମଧ୍ୟରେ ଟ୍ରେନ ଟି ନିର୍ଦ୍ଦିଷ୍ଟ ସ୍ଥାନରେ ରହିବା ପରେ ଯୁବକ ଜଣକ ଓହ୍ଲାଇବାକୁ ଲାଗିଲେ । ବିକ୍ରାନ୍ତ ଦେଖିଲେ ଏକ ସୁଇଟର ଯୁବକ ବସିଥିବା ସିଟ ପାଖରେ ରହିଛି ଯେଉଁ ସୁଇଟର ଅନନ୍ୟା ପ୍ରତ୍ୟେକ ଦିନ ବୁଣି ବୁଣି ଯାଉଥିଲେ। ସେ ଯୁବକକୁ ଡାକ ପକାଇ ସୁଇଟର ଟି ଛାଡିଦେଇଗଲେ କି ବୋଲି କହିଲେ । ଯୁବକ ଜଣକ ଫେରିଆସି ସୁଇଟରଟି ବିକ୍ରାନ୍ତ ହାତରୁ ନେଇ କାନ୍ଦି ପକାଇଲେ ଓ କହିଲେ ବନ୍ଧୁ ଏହା ତାଙ୍କରଭଲପାଇବାର ଶେଷ ସନ୍ତକ । ବିକ୍ରାନ୍ତ ନିଜର ପରିଚୟ ପତ୍ର ଯୁବକ ହାତକୁ ବଢ଼ାଇ ଦେଇ କହିଲେ ବନ୍ଧୁ କେନସର ହସ୍ପିଟାଲ ଉଦଘାଟନକୁ ମୋତେ ନିଶ୍ଚୟ ଡାକିବେ.....

ଭଦ୍ରକ

ମୋ-୭୯୭୮୩୬୯୨୯୫

# କ୍ଷତାକ୍ତ ବସୁଧା

*ବାଦଲ ଭୂୟାଁ*




କ୍ଷତାକ୍ତ ବସୁଧା ଏବେ ଲୁହର ପାହାଡ଼
ଅସରନ୍ତି ଦୁଃଖ ଶୋକ ସବୁକୁ କୋଳେଇ
ନିତିଦିନ ଗାଇଯାଏ ଛନ୍ଦବନ୍ଧ ଗୀତ
ସେ ଗୀତରେ ସେ ସୁରରେ ନାହିଁ
ଆଗଭଳି ଲଳିତ ନିକୋଣ।।
ଚାରିଆଡ଼େ ବର୍ଷା ଝଡ଼ମରୁଡ଼ିରେ କରାଳ ଚିତ୍କାର
ପ୍ରତିଟି ନିୟତ ଅସୁମାର ଗୁଳ୍ମଲତା
ବିହଙ୍ଗ, କୀଟ ଓ ପତଙ୍ଗ
ଅକାଳରେ ବରୁଛନ୍ତି କରାଳ ମରଣ।।
ଏବେ ପ୍ରାଣବାୟୁ ପାଲଟିଛି ବିଷ ହଳାହଳ
ଯୋଜନ ଯୋଜନ, ପୃଥିବୀରୁ ଆକାଶ ପର୍ଯ୍ୟନ୍ତ
ହାହାକାର ନିରବ ନିଥର
କୋଇଲିର ମଧୁର ତାନରେ ନାହିଁ
ଆଗ ଭଳି ସରସ କୁହୁକ।।
ମହୁମାଛି ଗୁଣୁ ଗୁଣୁ ଗୀତ ଚିତ୍ରପଟ୍ଟ
ପାଲଟିଛି ଫିକା ଫିକା ରାଗିଣୀ ଚମକ
ବଗିଚାର ଫୁଲ ଫଗୁଣରେ ନାହିଁ
ଉଦ୍ଦାମତା ରସଘନ ଋତୁର ପରଶ
ଜାତିଜାତିଙ୍କର ପସରା ସବୁଯେତେ ବନସ୍ତର
ମଳିନ ବିଶନ୍ନ ପରି ଦିଶେ ଚର୍ତୁଦିଗ।।
ବନ୍ଧୁଗଣ, ଭାବ ଏଥର
ଚାଲ, ବେଳ ହୁଁ ବ୍ୟବସ୍ଥା କର
କିପରି ହୋଇପାରିବ କ୍ଲାନ ବସୁଧା
ସୁସ୍ଥ ସବଳ ଓ କମନୀୟ
ମନ ଧ୍ୟାନ ଦେଇ ଶୁଣ, ନହେଲେ
ଅମୃତମୟ ବସୁଧା ପାଲଟିଯିବ
ବିବର୍ଣ୍ଣ ମଳିନ ଗୋଟେ ନର୍କ କୁଣ୍ଡ।।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩*

# ମମତା

*ସୁରେନ୍ଦ୍ର ନାଥ ସାହୁ*



ମୁଁ ରାତିରେ ଦେଖିଥିବା ସପ୍ନକୁ
ଭୟ ଶଙ୍କା ଏବଂ
କ୍ଷଣଜୀବୀ ମୃତ ସୁଖର
ଅଳ୍ପଜୀବୀ ଏକ
ନଅଙ୍ଗ ନୃତ୍ୟ ଭାବେ।
ତଥାପି ରାତ୍ରି ସାରା
ଅନିଦ୍ରା ରହି
ଦେଖିଥିଲି ମୁଁ ଅନେକ ସ୍ୱପ୍ନ
ତୁମକୁ ପାଇବା ପାଇଁ
ଶୋଇ ପଡିବା ପରେ ସରବେ।
ତୁମକୁ ପାଇବା ପରେ
ମୋ ଭାଗ୍ୟକୁ ମୁଁ
ଧନ୍ୟ ମଣୁଥିଲି ପ୍ରୀୟା
ଅତି ମହା ଆନନ୍ଦରେ
ଭାସୁଥିଲି ଭାବ ରାଇଜେ ଗରବେ।
କରିଥିଲ ଯତନରେ
ଶ୍ରୀ ଗଣେଷ
ମୋ ଭିତରେ ମଧୁର ପ୍ରେମର।
ଶିଖାଇଥିଲ ଭଲ ପାଇବା
ଅ ଆ ଇ ଈ ଅକ୍ଷର
କହି ମିଠା କଥା ଯେ ଅପାର।
ସହୁଥିଲ କେତେ କଷ୍ଟ
ଡେଇଁ ଆଡ଼ିବନ୍ଧ ସମାଜର
ବାଧା ବିଘ୍ନ
ସାମ୍ନାରେ ଠିଆ ହୋଇ ଥିଲେ ମଧ
ମୋ ସାଥିରେ ମିଶବା ପାଇଁ
ତାହା ପ୍ରତି ନଥିଲା
ତୁମର ଟିକିଏ ଡର।
ତଥାପି ଭୁଲି ପାରୁ ନାହିଁ
ବୋଲି ତୁମକୁ
ଯେ ଅମିମାଂସିତ କାହାଣୀର ନାମ
ରଖୁଛି ଏକ ଅଥୟ ମମତା।

*କଳମ୍ବ (ଡିହସାହି) ପୋଲସରା, ଗଞ୍ଜାମ, ମୋ.ନଂ:-୮୧୨୮୯୧୯୨୫୬*

# ଏବେ ତୁମେ ଆସ

*ରତ୍ନକାନ୍ତି ମିଶ୍ର*



ତୁମେ ଆସିବ ବୋଲି
ମନରେ ମୋ ଖଞ୍ଜିଦେଲି
ଆଶା ଭରସାର ଦୁଇ ଡେଣା,
ଛାଡ଼ିଦେଲି ଉଡି ବୁଲିବାକୁ
ତୁମ ହୃଦୟର ଆବେଗ
ବିଶ୍ୱାସ, ପ୍ରୀତି ପରିସୀମା....
ତୁମେ ଆସିବ ବୋଲି ତ
ଖୋଲିଦେଲି ସବୁତକ ଝର୍କା
ପଛ ଆଉ ସାମ୍ନାର କବାଟ,
କେଉଁ କାଳୁ ଯାହା ବନ୍ଦ ପଡିଥିଲା
ତୁମ ପଦପାତର ପ୍ରତୀକ୍ଷାରେ
ସ୍ୱପରେ ହେଲି ମୁଁ ଉଚ୍ଚାଟ....
ତୁମେ ଆସିବ ବୋଲି ସିନା
ଫୁଟାଇଲି ବଗିଚାରେ ଫୁଲ
କେତେ ସବୁ ରଙ୍ଗ ବେରଙ୍ଗର,
ପତ୍ର ମାନଙ୍କୁ ଧୋଇ
ପିନ୍ଧାଇଲି ଗାଢ ସବୁଜ ରଙ୍ଗ
ଫୁଲରେ ଭରିଲି ମହକ ମଧୁର....
ତୁମେ ଆସିବ ବୋଲି ତ
ବଂଶୀରେ ତିଆରିଲି ସ୍ୱନ
କମକୁଟ ପ୍ରତିଟି ରନ୍ଧ୍ରରେ,
ପକ୍ଷୀମାନଙ୍କୁ ଶିଖାଇଲି
ତୋଳିବାକୁ ଅପୂର୍ବ ବେହାଗ
ଉଡି ବୁଲି ନୀଳ ଗଗନରେ...
ସମସ୍ତେ ଏବେ ପ୍ରସ୍ତୁତ
ଯାଚିଦେବେ ନିଜସ୍ୱ ଆଧାର
ମାଟି, ପାଣି, ପବନ ଆଉ ଆକାଶ
ପୂର୍ବାଶାରେ ସିନ୍ଦୂରା ଫିଟିଲା
ସ୍ୱୀୟ ସଂକଳ୍ପ ପୂର୍ଣ୍ଣାର୍ଥ ?
ଏବେ ତୁମେ ଆସ..!!!

*ଆଳି, କେନ୍ଦ୍ରାପଡା*

# କରି କରାଉ ଥାଏ ସେହି


ସୁଚରିତା ମହାନ୍ତି

ଦୁଇ ମାସ ଆଗରୁ ରିଜର୍ଭସନ ସରିଯାଇଥାଏ । ନାଟକ ପ୍ରତିଯୋଗିତା ପାଇଁ ଆମକୁ ବ୍ରହ୍ମପୁର ଯିବାର ଅଛି ତେଣୁ ନାଟକ ଅଭ୍ୟାସ ମଧ ଜୋରସୋରରେ ଚାଲିଥାଏ। ଯେହେତୁ ଶୀତ ଦିନ ଏବଂ ମୟୂରଭଞ୍ଜ ରେ ଶୀତ ର ପ୍ରକୋପ ଅଧିକ ସେଥିପାଇଁ ଆମେ ଭାବିଲୁ ଶୀତ ବସ୍ତ୍ର ସମସ୍ତେ ନେବା ଆବଶ୍ୟକ କାହିଁକି ନା ବ୍ରହ୍ମପୁର ରେ ଶୀତ ଥାଇପାରେ। ସମସ୍ତଙ୍କ ଲଗେଜ୍ ଅଧିକ ଥାଏ ।ଏଗାର ଜଣ ଆମେ ସାତ ତାରିଖରେ ଫଲକନାମା ଏକ୍ସପ୍ରେସ ରେ ଯାଇ ସନ୍ଧ୍ୟା ସାଢେ ଛ' ରେ ବ୍ରହ୍ମପୁର ପହଞ୍ଚିଲୁ ।ସେଠାରେ ଯେଉଁମାନେ ଆମକୁ ପ୍ରତିଯୋଗିତା ପାଇଁ ଆମନ୍ତ୍ରଣ କରିଥିଲେ ତାଙ୍କ କଥା ଅନୁସାରେ ଆମେ ପ୍ରେକ୍ଷାଳୟ ରେ ଥିବା ବିଶ୍ରାମ କକ୍ଷ କୁ ଯାଇ ଫ୍ରେସ ହୋଇ ଗେଷ୍ଟହାଉସ୍ କୁ ଯିବା ର ଥିଲା କିନ୍ତୁ ସଂଗଠନ ର କର୍ମକର୍ତ୍ତାଙ୍କ ର ବହୁତ ଅବହେଳା ପାଇଁ ଆମକୁ ଅସୁବିଧା ରେ ସମ୍ମୁଖୀନ ହେବାକୁ ପଡ଼ିଲା। ରାତି ନ' ପର୍ଯ୍ୟନ୍ତ ଆମେ ରେଷ୍ଟ ନେବାତ ଦୂରର କଥା ଫ୍ରେସ୍ ମଧ ହୋଇ ପାରିଲୁ ନାହିଁ। ମୁଁ ଏବଂ ଆଉ ଜଣେ କଳାକାର ଭାଇ ବହୁତ ବିରକ୍ତି ପ୍ରକାଶ କରିବା ପରେ ଆମକୁ ଗେଷ୍ଟ ହାଉସ୍ କୁ ପଠାଯାଇଥିଲା। ଗେଷ୍ଟ ହାଉସ୍ ପାଖରେ ସବୁବେଳେ ଗାଡ଼ି ଯିବା ଆସିବା କରୁଥିବା ରୁ କେହି ସେ ଶବ୍ଦ ରେ ଶୋଇପାରୁ ନଥାନ୍ତି ।ସେଦିନ ସମସ୍ତେ ସମ୍ପୂର୍ଣ୍ଣ କ୍ଲାନ୍ତ ଥିଲେ ତେଣୁ ଯେନତେନ ପ୍ରକାରେ ବିଶ୍ରାମ ର ଆବଶ୍ୟକତା ଥିବା ହେତୁ ବିଶ୍ରାମ ନେଲେ। ସକାଳୁ ଉଠିବା କଷ୍ଟକର ଥିବା ସତ୍ତ୍ୱେ ସମସ୍ତ କଳାକାର ଉଠି ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ଯାଇ ପୂଜାର୍ଚ୍ଚନା କଲେ। ସକାଳ ଜଳଖିଆ ସାରି ଷ୍ଟେଜ୍ ନାଟକ ଅଭ୍ୟାସ ପାଇଁ ହଲ୍ କୁ ଗଲେ ।ସେଇଠୁ ସରିବା ପରେ ମଧ୍ୟାହ୍ନ ଭୋଜନ ଶେଷ କରି ପୁଣି ପ୍ରସ୍ତୁତି ଚାଲିଲା ସଂଧ୍ୟା ରେ ନାଟକ ପରିବେଷଣ ନିମନ୍ତେ। ଆମେ ସମସ୍ତେ ଚିନ୍ତିତ ଥାଉଁ କି ନାଟକ କିପରି ହେବ। କାହିଁକି ନା ଆମେ ଦୁଇଦିନ ଧରି ଅନିଦ୍ରା ସହିତ କ୍ଲାନ୍ତ ଅନୁଭବ କରୁଥିଲୁ ।

ଯାହା ହେଉ ଈଶ୍ୱରଙ୍କୁ ପ୍ରାର୍ଥନା କରି ଆରମ୍ଭ ହେଲା ଜୁରି ସଦସ୍ୟ ସାମ୍ନା ରେ ବସି ଟିକିନିଖି ଦେଖୁଥାନ୍ତି। ପ୍ରେକ୍ଷାଳୟ ପୂର୍ଣ୍ଣ ଥାଏ ମୋ ଆଖି ରୁ ଲୁହ ଗଡ଼ି ଆସିଲା ।ହାତ ଯୋଡ଼ି ନିଜକୁ ସମର୍ପି ଦେଲି ପ୍ରଭୁ ଜଗନ୍ନାଥଙ୍କ ନିକଟରେ ।କହିଲି ପ୍ରଭୁ କୃପା କରନ୍ତୁ। ହଠାତ୍ କରତାଳି ମୋତେ ଆନମନା କରିଦେଲା ପଛକୁ ଚାହିଁଲା ବେଳକୁ ଭରପୁର ଦର୍ଶକ ଙ୍କ କରତାଳି ମୋତେ ଆହ୍ଲାଦିତ କଲା। ପୁଣି ଆନନ୍ଦାଶ୍ରୁ ଗଡ଼ି ଯାଉଥିଲା।

ମୋ ଆଶଙ୍କା କ୍ରମଶଃ ଦୂର ହେଉଥିଲା। ସମସ୍ତ କଳାକାର ଖୁବ୍ ସୁନ୍ଦର ପ୍ରଦର୍ଶନ କରୁଥାଆନ୍ତି ।ନାଟକ ସରିଗଲା ଅଥଚ ଦର୍ଶକ ଉଠିନଥାନ୍ତି ।ଲାଇଟ୍ ବନ୍ଦ ହେବା ପରେ କରତାଳି ରେ ପ୍ରେକ୍ଷାଳୟ କମ୍ପୁଥାଏ। ମୁଁ ଦର୍ଶକ ମାନଙ୍କ ପାଖରୁ ଉଠି ଗ୍ରୀନ୍ ରୁମ୍ କୁ ଗଲି ଯେମିତି ପିଲାମାନେ ମା' କୁ ଅପେକ୍ଷା କରିଥାନ୍ତି ସେମିତି ସମସ୍ତେ ମୋତେ ଚାହିଁ ମୋ ମୁହଁରୁ ଭଲମନ୍ଦ ଶୁଣିବା ପାଇଁ ଚାତକ ପରି ଚାହିଁ ରହିଥିଲେ। ମୋ ହସ ଦେଖି ସମସ୍ତେ ବୁଝିଗଲେ ସେମାନେ ଖୁବ୍ ଭଲ କରିଚ୍ଛନ୍ତି ବୋଲି ।ପୁଣି ଆମମାନଙ୍କୁ ଷ୍ଟେଜ୍ ଉପରକୁ ଡକାହେଲା ପରିଚୟ ପ୍ରଦାନ କରିବାପାଇଁ ଏବଂ ନାଟକ ସମ୍ବନ୍ଧୀୟ ଅନେକ ପ୍ରଶ୍ନ ର ଉତ୍ତର କହିବା ପାଇଁ ।ଆମ ସମସ୍ତଙ୍କ ର ଅତି ଜଣାଶୁଣା ଚକ୍ଷୁ ବିଶେଷଜ୍ଞ ଡାକ୍ତର ରାଜେନ୍ଦ୍ର କୁମାର ବେହେରା ସେଦିନ ଅତିଥି ଭାବେ ଉପସ୍ଥିତ ଥା'ନ୍ତି। ଆମ ସମସ୍ତଙ୍କୁ ସମ୍ମାନ ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା।

ମୁଁ ବହୁତ ଖୁସି ଥିଲି ନାଟକ 'ସନ୍ଦେଶ' କାହାଣୀ, ଚରିତ୍ର ସବୁ କୁ ନେଇ। ସେଦିନ ନାଟକ ସରିବା ପରେ ଡଃ ରାଜେନ୍ଦ୍ର ସାର୍ ଆମ ସମସ୍ତଙ୍କ ର ବୁଲିବାର ବ୍ୟବସ୍ଥା କରି ଆମକୁ କହିଦେଇ ଘରକୁ ଗଲେ । ଆମେ ରାତ୍ରି ଭୋଜନ ସାରି ପୁଣି ଗେଷ୍ଟହାଉସ୍ କୁ ଫେରିଆସିଲୁ ।

ଗେଷ୍ଟ ହାଉସ୍ ଦୂର ଥିବାରୁ ଆମକୁ ଯିବା ଆସିବାପାଇଁ ଅସୁବିଧା ହେଉଥାଏ ।ସକାଳୁ ଆମେ ବାହାରିଲୁ ବୁଲାବୁଲି କରିବା ପାଇଁ। ଦିନ ଭରି ଖୁବ୍ ବୁଲାବୁଲି କରି ସନ୍ଧ୍ୟା ରେ ଫେରି ପୁଣି ଫ୍ରେସ୍ ହୋଇ ପ୍ରେକ୍ଷାଳୟ କୁ ଗଲୁ କାହିଁକି ନା ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଥିଲା ।ସଭା ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆରମ୍ଭ ହେଲା। ସେତେବେଳକୁ ରାତି ଏଗାରଟା ବାଜିଲାଣି ।ସବୁ କାର୍ଯ୍ୟକ୍ରମ ସରିବାପରେ ରାତି ଖାଇବା ପାଇଁ କିଛି ନଥିଲା , ଯାହା ଙ୍କୁ ଦାୟିତ୍ୱ ଦିଆଯାଇଥିଲା ସେ ମଦ ପିଇ ଥିବାରୁ ଅନ୍ୟଲୋକ ପଶି ସବୁ ଖାଇଦେଲେ ତେଣୁ ଆମ ପିଲାମାନେ ଆସି ବାହାରେ ହୋଟେଲ ରେ ଖାଇ ଗେଷ୍ଟ ହାଉସ୍ କୁ ଆସିବା ବେଳକୁ ରାତି ବାରଟା ବାଜିଲାଣି। ଜିନିଷ ପତ୍ର ସଜଡ଼ା ସଜଡ଼ି କରି ଶୋଇବା ପାଇଁ ଆଉ ସମୟ ନଥିଲା ପୁଣି ଭୋର ରୁ ଉଠି କାମ ସାରି ବାହାରିଲୁ ।ଟ୍ରେନ୍ ବିଳମ୍ବ ଯୋଗୁଁ ଆମେ ପ୍ଲାଟଫର୍ମ ରେ ଅପେକ୍ଷା କଲୁ ।

ଗୋଟିଏ ଘଣ୍ଟା ପରେ ଟ୍ରେନ ଆସିଲା। କଟକ ଯାଏ ସବୁ ଠିକ୍ ଠାକ୍ ଥିଲା ତା'ପରେ ଟ୍ରେନ୍ ଅଟକି ରହିଲା । କେଉଁଠି ଅଧଘଣ୍ଟେ କେଉଁଠି ପନ୍ଦର ମିନିଟ୍ ଏମିତି ମଝିରେ ମଝିରେ ରହୁଥାଏ। ସେଦିନ ସବୁ ଏକ୍ସପ୍ରେସ ତିନି/ଚାରି ଘଣ୍ଟା ବିଳମ୍ବରେ ପାସ୍ କରୁଥିଲା। ଉପାୟ ଶୂନ୍ୟ। ଯାହା ହେଉ ଆସି ବାଲେଶ୍ୱର ଷ୍ଟେସନ ପହଞ୍ଚିବା ବେଳକୁ ସାଢେ ଚାରି ବାଜିଥାଏ। ସେଇଠୁ ବାରିପଦା କୁ ଆସିବା ପାଇଁ ସଙ୍ଗେ ସଙ୍ଗେ ବସ୍ ନଥାଏ କିଛି ସମୟ ବସ୍ ଷ୍ଟାଣ୍ଡରେ ଅପେକ୍ଷା ପରେ ବସ୍ ଯଦି ବା ଆସିଲା ସେ ବାରିପଦା ପହଞ୍ଚିବା ବେଳକୁ ରାତି ଆଠ ବାଜିଲାଣି। ଆମେ ବ୍ରହ୍ମପୁର ରୁ ପାଞ୍ଚଜଣ ଆସିଥିଲୁ ହେଲେ ଆମ ଅଭିନେତ୍ରୀ ପ୍ରିୟା ବାଲେଶ୍ୱରରେ ରହିଯିବା ପରେ ଆମେ ଆଉ ଚାରି ଜଣ ବାରିପଦା କୁ ଆସିଲୁ। ବସ୍ ଷ୍ଟାଣ୍ଡରେ ଓଲ୍ହ୍ଲେଇ ଅଟୋ ଭଡ଼ା ନେଇ ବାହାରିବା ସମୟ ରେ ହଠାତ୍ ଗୋଟିଏ ଘଟଣା ଘଟିଗଲା ।ମୁଁ ଅଟୋରେ ବସି ସାରିଚି ଏବଂ ଆଉ ଜଣେ ଅଭିନେତା ବିଜେନ୍ଦ୍ର ବାବୁ ମଧ ବସି ସାରିଥାନ୍ତି କେବଳ ନିର୍ଦ୍ଦେଶକ ଡଃ କୁମର ମଣି ନାୟକ ଓ ଅଭିନେତା ସିଦ୍ଧ ?ଶ୍ୱର ବାବୁ ଅଟୋକୁ ଉଠିବାକୁ ଥାନ୍ତି ଏହି ସମୟରେ ଜଣେ ଆସି ସିଦ୍ଧେଶ୍ୱର ବାବୁଙ୍କ ହାତକୁ ଭିଡ଼ି ଧରିଲା । ଆମେ କେହି କିଛି ବୁଝି ପାରୁନଥିଲୁ। ଗାଡ଼ି ଷ୍ଟାର୍ଟ କରି ଡ୍ରାଇଭର ଅନେଇଥାଏ। ମୁଁ ପଚାରୁଥାଏ କ'ଣ ହେଲା କ'ଣ ହେଲା ହେଲେ କେହି କିଛି କହିପାରୁ ନଥାନ୍ତି। ମୋର ଇଚ୍ଛା ନଥିଲେ ବି ମୁଁ ବାଧହୋଇ ତଳକୁ ଓହ୍ଲେଇ ପଡ଼ିଲି କାରଣ ସେ ଆମରି ଭିତରୁ ଜଣକୁ ଭିଡ଼ି ଧରି ଥିଲା। ଓଲ୍ହ୍ଲେଇ ଦେଖିଲି ଝିଅଟିଏ ସେ ସିଦ୍ଧ ?ଶ୍ୱର ବାବୁ ଙ୍କୁ ଧରିଛି ଏବଂ ଆଉ ଜଣେ ଲୋକ ସେ ଝିଅ ହାତକୁ ଧରି ଘୋଷାଡ଼ି ବାରେ ବ୍ୟସ୍ତ । କେବଳ ଝିଅଟି ବଡ଼ ପାଟିରେ କାନ୍ଦି କାନ୍ଦି କହୁଥାଏ ମୁଁ ତମ ସହିତ ଯିବିନି ବାପା। ମୁଁ ଦୁହିଁଙ୍କ ପାଖରୁ ସେ ଝିଅକୁ ଛଡ଼େଇ ଆଣି କ'ଣ ହେଇଚି ଘଟଣା ବୁଝିବାକୁ ଚେଷ୍ଟା କଲି । ସେତେବେଳକୁ ସେଠି ଲୋକଙ୍କ ଭିଡ଼ ବେଶ୍ ଜମିବାକୁ ଲାଗିଥାଏ। ଝିଅ ଟିର ବାପା ଏତେ ଉଉ ?ଜିତ ଥାନ୍ତି ଲାଗୁଥିଲା ସେ ଝିଅକୁ ବାଡ଼ ?ଇଥାନ୍ତେ। ବହୁତ ବୁଝାସୁଝା ପରେ ଜଣାପଡ଼ିଲା ଝିଅଟି ଗୋଟିଏ ପୁଅ ସହିତ ପଳେଇ ଯିବା ସମୟରେ ତା' ବାପା ତାକୁ ଧରିଚ୍ଛନ୍ତି। ପୁଅ ଟି ତାଙ୍କ ହାତରୁ ଖସି ଯାଇଚି ହେଲେ ସେ ଝିଅକୁ ଧରି ପକେଇଚ୍ଛନ୍ତି। କିନ୍ତୁ ଝିଅ କାହା କଥା ଶୁଣିବା ପାଇଁ ପ୍ରସ୍ତୁତ ନଥିଲା। ଥାନା କୁ ନେଇ କିଛି ବ୍ୟବସ୍ଥା କରିବାକୁ କହିଲି। ଆଗରୁ ମଧ ସେ ଝିଅ ଏମିତି ସେ ପୁଅ ସହିତ କୁଆଡ଼ ? ଚାଲିଯାଇଥିଲା। ଥାନାରେ ଏତଲା ଦେବା ପରେ ଥାନା ବାବୁ କହିଥିଲେ ଝିଅକୁ ଅଠର ବର୍ଷ ହେଲାଣି ତେଣୁ ତା' ଇଚ୍ଛା ଯାହା ସେ କରିବ ଆମେ ହସ୍ତକ୍ଷେପ କରିବୁ ନାହିଁ। ତେଣୁ ତା'ବାପା ମା'ଙ୍କୁ ଏତିକି କହିଲି ଝିଅ ଏବଂ ପୁଅ କୁ ସେଇ ଥାନା କୁ ନେଇ ଲିଖିତ ଆକାରରେ ବାହାଘର କରେଇ ଦିଅନ୍ତୁ । ନ'ହେଲେ ଭବିଷ୍ୟତ ରେ ପୁଣି ଆଉକିଛି ଅଘଟଣ ଘଟିବାର ସମ୍ଭାବନା କୁ ଏଡ଼ାଇ ଦିଆଯାଇନପାରେ। ପୁଅ ଟି ଡରରେ କୁଆଡ଼ ? ଯାଇ ଲୁଚିଥିଲା।

ମୁଁ ମୋ ଫୋନ୍ ସେ ଝିଅକୁ ଦେଲି ତାକୁ ଡାକିବା ପାଇଁ। ଝିଅଟି ଫୋନ କରି ସେ ପିଲାକୁ ଡକେଇଲା ।ନଡରି ଆସିବା ପାଇଁ ।ବହୁତ ବୁଝାସୁଝା କରିବା ପରେ ଝିଅର ବାପା ମା' ବାହାଘର କରିଦେବା ପାଇଁ ମନସ୍ଥ କଲେ ।ଆଉ କିଛି ଅସୁବିଧା ହେଲେ ମୋ ସହିତ ଯୋଗାଯୋଗ କରିବାକୁ କହି ଆମେ ଚାରିଜଣ ଯାକ ସେଠୁ ଚାଲି ଆସିଲୁ । ଘର ପହଞ୍ଚିବା ବେଳକୁ ରାତି ଦଶଟା। ଈଶ୍ୱର ଙ୍କ ନିର୍ଦ୍ଦେଶନାରେ ଜଗତ ଚାଲୁଚି। ମୁଁ କାହାକୁ ଧନ୍ୟବାଦ ଦେବି ବୁଝି ପାରୁ ନ ଥିଲି ।ଏ ଘଟଣା ପଛରେ କ'ଣ ଈଶ୍ୱର ମୋତେ ଚୟନ କରିଥିଲେ କି ଦୁଇ ପ୍ରେମୀ ଯୁଗଳଙ୍କ ବିବାହ ନିଷ୍ପତ୍ତି କରେଇବା ପାଇଁ।

'କରି କରାଉ ଥାଏ ସେହି, ତା' ବିନୁ ଅନ୍ୟ ଗତି ନାହିଁ।'

ମାହାଙ୍ଗା, କଟକ

ମୋ : ୮୯୧୭୫୭୧୨୦୨

# ପ୍ରତାରିତ


ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆଜି ଠାରୁ ପନ୍ଦର ଦିନ ଯାଏଁ ନିର୍ବାଚନ ପ୍ରଚାର ଚାଲିବ । ଭୋଟ ପାଇବାକୁ ହେଲେ ଭୋଟର ଙ୍କୁ ଖୁସି କରିବାକୁ ହେବ । ଖୁସି କରିବା ପାଇଁ ନେତା ମାନଙ୍କୁ ଅନେକ ପ୍ରକାର ପନ୍ଥା ଜଣା । ଭୋଟ ତ ନିହାତି ଦରକାର, ମାଧ୍ୟମ ଯାହା ହଉ ନା କାହିଁକି ? କେଉଁ ନେତା ଭୋଟର ଙ୍କ ଘରକୁ ଅନ୍ଧାରି ବିଜେ କରି ଟଙ୍କା ଲାଞ୍ଚ ଦେବେ ତ କିଏ ଅନ୍ୟାନ୍ୟ ଉପହାର ପ୍ରଦାନ କରିବେ । ଅନେକ ଜାଗାରେ ରେ ତ ମଦ ମାଂସ ର ଶ୍ରୋତ ବି ଚାଲିବ । କେହି କେହି ଗରିବ ଜନବସତି କୁ ଯାଇ ଭୋକିଲା, ଲଙ୍ଗଳା ଛୁଆ ଙ୍କୁ କାଖେଇ ଗେଲ କରି ପକେଇବେ ତ କେହି ବୃଦ୍ଧ ବୃଦ୍ଧା ଙ୍କ ପାଦ ଛୁଇଁ ମୁଣ୍ଡିଆ ମାରିବାକୁ ବି ପଛେଇବେନି । ସେମାନେ ଏତେ ତଳକୁ ଖସିଯିବାର କାରଣ, ଭୋଟର ମାନେ ଦୟାପରବଶ ହୋଇ ତାଙ୍କୁ ଭୋଟ ଦେବେ ବୋଲି ସେମାନେ ନିଶ୍ଚିତ । ଠିକ ସେୟା ହେଲା । ପନ୍ଦର ଦିନ ବ୍ୟାପୀ କୋଳାହଳ ପୂର୍ଣ୍ଣ ନିର୍ବାଚନ ପ୍ରଚାର ପରେ ଶେଷକୁ ବହୁ ଅପେକ୍ଷିତ ଦିନଟି ଆସି ଉପସ୍ଥିତ ହେଲା । ସବୁଠାରୁ ବେଶୀ ପଇସା ଖର୍ଚ୍ଚ କରିଥିବା ଦଳ ବିଜୟ ଲାଭ କରିବା ଯେପରି ପୂର୍ବ ନିର୍ଦ୍ଧାରିତ ଥିଲା । ମନ୍ତ୍ରୀ ମହାଶୟ ବିପୁଳ ଭୋଟ ପାଇ ବିଜୟୀ ଘୋଷିତ ହେଲେ । ହେଲେ ଗାଦି ରେ ବସିବା ମାତ୍ରେ ଜନସାଧାରଣ ଙ୍କ ଅଭାବ ଅସୁବିଧା ତ ଦୂରର କଥା, ଥରେ ଯାଇ ଯାହା ଯୋଗୁଁ ମନ୍ତ୍ରୀ ପଦ ର ଅଧିକାରୀ ସାଜିଥିଲେ, ତାଙ୍କୁ ଧନ୍ୟବାଦ ଦେବା ବି ଜରୁରୀ ମନେ କଲେ ନାହିଁ ।

ଲୋକ ଗୁଡିକ କେତେ ସରଳ ସତରେ !କେତେ ସହଜରେ ଥରକୁ ଥର ନିଜକୁ ମିଥ୍ୟାବାଦୀ, ସ୍ୱାର୍ଥୀ, ଦୁର୍ନୀତିଗ୍ରସ୍ତ ବୋଲି ପ୍ରମାଣ କରିଥିବା ନିର୍ବାଚନ ପ୍ରାର୍ଥୀ ଙ୍କୁ ବିଶ୍ୱାସ କରିଯାନ୍ତି । ବିଶ୍ୱାସ ରେ ଭୋଟ ଦିଅନ୍ତି, ତାଙ୍କ ମିଛ ପ୍ରତିଶ୍ରୁତି ଗୁଡିକ ପୂରଣ ହୋଇଯିବା ଆଶାରେ । ବାରମ୍ବାର ପ୍ରତାରିତ ହୁଅନ୍ତି ଆଉ ପ୍ରତିବାଦ ବି କରନ୍ତି ନାହିଁ ।

ହେଲେ ସଉରା ଦେହରେ ଗଲାନି ସେ ଛଳନା । ବିଶାଳକାୟ ବପୁବନ୍ତ ଆଦିବାସୀ ପିଲାଟିଏ ସଉରା । ଯୌବନର ରକ୍ତ ଟକଟକ ହୋଇ ତାର ଶିରା ପ୍ରଶିରା ରେ ପ୍ରବାହିତ । ଶରୀର ଯେମିତି ଟାଣୁଆ ବୁଦ୍ଧି ରେ ମଧ୍ୟ ପ୍ରଖର । ପାଠ ଦି ଅକ୍ଷର ସିନା ପଢିନି ହେଲେ ଏ ନେତା ଙ୍କର ଷଡଯନ୍ତ୍ର ଏବଂ ଚାତୁରୀ ତା ଠାରୁ ଅଛପା ନ ଥିଲା । ନିର୍ବାଚନ ପୂର୍ବର ପ୍ରତିଶ୍ରୁତି ଯେମିତି ପାଣି ଫୋଟକା ଭଳିଆ ଅଦୃଶ୍ୟ ହୋଇଗଲା ଗୋଟିଗୋଟି ହୋଇ । ଗାଁ ଲୋକେ ଆଶା କରି ବସିଥିଲେ ହେଲେ ସଉରା ଜାଣି ସାରିଥିଲା ତାକୁ କଣ କରିବାର ଅଛି ।

ରାଗରେ ଅଗ୍ନିଶର୍ମା ହୋଇ ଧାନ କଟା ଦାଆ ଧରି ଗୈଡିଲା ସିଧା ମନ୍ତ୍ରୀ ଙ୍କ କୋଠାଘରକୁ । ମନ୍ତ୍ରୀ ମହାଶୟ ନିଜର ଆଠ ଦଶଟି ଚେଲା ଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ନିର୍ବାଚନ ଜିତିବାର ଉଲ୍ଲାସ ରେ ମଜ୍ଜି ଯାଇଥିଲେ । ଆଗକୁ କଣ କେମିତି କାମ ହବ ତାର କାର୍ଯ୍ୟସୂଚୀ ଉପରେ ଜୋରସୋର ରେ ଆଲୋଚନା ଚାଲିଥାଏ । ସଉରା ଏକ ଆହତ ବ୍ୟାଘ୍ର ଭଳି ଲୁହା ଗେଟ କୁ ବାରମ୍ବାର ଦୋହଲେଇଦେଉଥାଏ । ଦେହରେ ତାର ଯେମିତି ଏକ ହସ୍ତୀ ର ବଳ । ମତ୍ତହସ୍ତୀ ଭଳି ଗର୍ଜନ କରି ପୂରା କୋଠାଘର ଟି କୁ କମ୍ପାଇ ଦେଉଥିଲା ସେ । ଶଙ୍କିତ ହୋଇଗଲେ ମନ୍ତ୍ରୀ, ଭାବିଲେ ବୋଧେ ତାଙ୍କର ଅନ୍ତିମ ସମୟ ଆସି ଉପସ୍ଥିତ । ହେଲେ ସଉରାର ବଳ ଠାରୁ ଜିଣିଗଲା କପଟୀ ମନ୍ତ୍ରୀ ଙ୍କ ର କୂଟନୀତି । ସାଙ୍ଗେ ସାଙ୍ଗେ ତାଙ୍କ ର ଏକ ଭୃତ୍ୟ କୁ ଇସାରା କରିଦେଲେ ସଉରା କୁ ଶାନ୍ତ କରିବା ପାଇଁ ।

ସଉରା ରାଗ ରେ ଫଁ ଫଁ ହେଉଥାଏ । ଦୁଇ ତିନୋଟି ଚେଲା ଆସି ତାକୁ କାବୁ କରିନେଲେ । ତାକୁ ଗୋଟିଏ ଚଉକି ରେ ବସେଇ ତା ସହିତ କଥା ହେବାକୁ ଚେଷ୍ଟା କଲେ । ମନ୍ତ୍ରୀ ଜଣକ ତାଙ୍କୁ ଟଙ୍କା ଯାଚିଲେ , କହିଲେ ଏତେ ଟଙ୍କା ଦିଆଯିବ ଯେ ତାର ଦୁଇ ତିନି ପିଢ଼ି ରେ ଆଉ କାହାକୁ ଖଟି ଖାଇବାକୁ ଦରକାର ହବ ନାହିଁ । ହେଲେ ସଉରା ଏକବାରେ ତା ଜିଦ ରେ ଅଟଳ । ନିର୍ବାଚନ ପୂର୍ବ ରୁ ଦେଇଥିବା ସମସ୍ତ ପ୍ରତିଶ୍ରୁତି କୁ ମନ୍ତ୍ରୀ ଯେତେ ଶୀଘ୍ର ପୂରଣ କରନ୍ତୁ । ମନ୍ତ୍ରୀବରଙ୍କ ମଧ୍ୟ ଆଉ ଜାଣିବାର ବାକି ନ ଥିଲା ଯେ ସଉରା କୁ ବୁଝେଇବା ଅସମ୍ଭବ । ତେଣୁ ଅନନ୍ୟୋପାୟ ହୋଇ ଶେଷକୁ ରାଜି ହେଲେ ସବୁ ପ୍ରତିଶ୍ରୁତି ପୂରଣ କରିବେ ଏବଂ ଭଲ ଭାବରେ ବୁଝା ସୁଝା କରି ସଉରା କୁ ଘରକୁ ପଠେଇଦେଲେ । ତା ପରଦିନ ମନ୍ତ୍ରୀ ମହାଶୟ ବିଜୟ ଶୋଭାଯାତ୍ରା ରେ ବାହାରି ପଡିଲେ ନିଜର ସୁସଜ୍ଜିତ ଜୀପ ରେ ନିଜର ଅନୁଗତ ମାନଙ୍କ ସହିତ । ଗ୍ରାମଦେବୀ ଙ୍କ ପାଖରେ ଭୋଗଥାଳି ଅର୍ପଣ କରି ସେ ଫେରୁଥାନ୍ତି, ଜଣେ ଗୈଡ଼ି ଗୈଡ଼ି ଆସି ଖବର ଦେଲା ଯେ ସଉରା ର ମୃତଦେହ ନଦୀ ରେ ଭାସୁଛି । ଗତକାଲି ରାତି ରେ କେହି ଜଣେ ତାକୁ ଡାକି ନେଇଥିଲା ପାଖ ଗାଁ ର ମେଳଣ ଦେଖିବା ପାଇଁ । ସେଇଠି ବୋଧେ ମଦ୍ୟପାନ କରି ଆସିଥିବ । ନଈ କୁ ଧୁଆଧୁଇ ହେବାପାଇଁ ଯାଇଥିବ, ନିଶା ରେ ଗୋଡ ଖସି ସେଇଠି ହିଁ ସେ ସଲିଳ ସମାଧି ନେଇଯାଇଛି ।

ମନ୍ତ୍ରୀବର ଆହା !ଚୁ ଚୁ! ହୋଇ ଶୂନ୍ୟ କୁ ଅନେଇଲେ ଏବଂ ସଉରା ର ଆତ୍ମା ର ସଦଗତି ପାଇଁ ପ୍ରଣାମ କରି ଦୁଃଖ ପ୍ରକାଶ କଲେ । ଖୁବ ସହଜ ଭାବରେ ଜୀପ ରେ ଆସି ନିଜ ସ୍ଥାନରେ ବସିପଡ଼ିଲେ ଓ ନିଜ ଭୃତ୍ୟ ଟି ଆଡକୁ ଟିକେ ସନ୍ତର୍ପଣରେ ଦେଖିଲେ । ଏକ କୁଟିଳ ହସ ଖେଳିଗଲା ତାଙ୍କ ମୁଖମଣ୍ଡଳରେ । ସତେ କି ବିଜୟ ର ଆଉ ଗୋଟିଏ ସୋପାନ ଉଠିଯାଇଥିଲେ ମନ୍ତ୍ରୀ ମହୋଦୟ !

ପୁଣିଥରେ ଜନସାଧାରଣ ଙ୍କ ଆଖିରେ ଧୂଳିଦେଇ ନେତାଶ୍ରେଷ୍ଠ ନିଜର ସୁନା ର ଭବିଷ୍ୟତ ଗଢିବାର ପ୍ରସ୍ତୁତି ରେ ଲାଗିପଡ଼ିଲେ ଏବଂ ନିରୀହ ଜନତା ପୁଣି ଥରେ ପ୍ରତାରିତ ହୋଇ କଷ୍ଟ ଭୋଗିବାକୁ ଅଣ୍ଟା ଭିଡି ହଉଥିଲେ ଆଗାମୀ ପାଞ୍ଚ ବର୍ଷ ପାଇଁ ।

*ଫୋନ - ୬୩୭୦୫୧୬୪୭୮*
*ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର*




# ଚୁଡ଼ାକୁଟି ଶିଶୁମନ୍ଦିରରେ ବିବେକାନନ୍ଦ ଜୟନ୍ତୀ ପାଳିତ




ଧାମନଗର ,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ ଚୁଡ଼ାକୁଟି ପଞ୍ଚାୟତ ଅଧିନ ସରସ୍ୱତୀ ଶିଶୁମନ୍ଦିର ପରିସରରେ ୧୬୨ତମ ସ୍ୱାମୀ ବିବେକାନନ୍ଦ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ସ୍ୱୟଂମ୍ଭୂ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଅଧକାରୀ ଫନୀନ୍ଦ୍ର ଭୂଷଣ ନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଚିତ୍ରକଳା ସଂସ୍ଥା ଦ୍ୱିତୀୟ ପୃଥିବୀର ପ୍ରତିଷ୍ଠାତା ସୁଶାନ୍ତ କୁମାର ନାୟକ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଧାମନଗର ଥାନାର ସହାୟକ ଅଧିକାରୀ ରାଜେଶ ସେଠୀ, ଦୈନିକ ସମାଜ ଖବରକାଗଜର ପ୍ରତିନିଧି ସଞ୍ଜୀବ ମହାନ୍ତି ଉପସ୍ଥିତ ରହି ସ୍ୱାମୀ ବିବେକାନନ୍ଦଙ୍କ ମହତ ବାଣୀ ତଥା ତାଙ୍କର ଜୀବନୀ କୁ ନେଇ ପିଲାମାନଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଶିଶୁ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା । ବିଦ୍ୟାଳୟର ସମ୍ପାଦକ ତଥା ସାମ୍ବାଦିକ ବିବେକାନନ୍ଦ ପଣ୍ଡା ଅତିଥି ମାନଙ୍କର ପରିଚୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକସଂସଦ ଦ୍ୱାରା ସଂସ୍ଥାପିତ ଓ ପରିଚାଳିତ ଉତ୍କଳ କଳା ଓ ସଂସ୍କୃତି ପ୍ରତିଷ୍ଠାନ ତରଫରୁ ରାଜ୍ୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ନଭେମ୍ବର ୧୯ ରେ ସଂପୃକ୍ତ ବ୍ଲକ ଅଞ୍ଚଳର ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ଧାମନଗର ବ୍ଲକର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିର, ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମୋଟ ୨୧୯ ଜଣ ଛାତ୍ର ଛାତ୍ରୀ ପ୍ରତିଯୋଗୀ ଭାବେ ଭାଗ ନେଇଥିଲେ । ଏମାନଙ୍କ ମଧ୍ୟରୁ କୃତି ଛାତ୍ର ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପରୀକ୍ଷା କେନ୍ଦ୍ରର ସଂଯୋଜକ ତଥା ବରିଷ୍ଠ ବାଲୁକାଶିଳ୍ପୀ ଗୋପାଳ ଚରଣ ସାମଲଙ୍କ ସମେତ ସହଯୋଗୀ ଭାବେ ପଙ୍କଜ କୁମାର ଦାସ, ସତ୍ୟ ରଞ୍ଜନ ବେହେରା, ଶୁଶାନ୍ତ କୁମାର ସାହୁ, ପ୍ରସନ୍ନ ସାହୁ, ଆକାଶ ସାମଲ, ବୃନ୍ଦାବନ ସାହୁ,ସତ୍ୟପ୍ରିୟ ବେହେରା, ପ୍ରଶାନ୍ତ ସାହୁ, ଆଶିଷ ଗାହାଣ, ରମେଶ ସାହୁ, ଶିବବ୍ରତ ପଣ୍ଡା, ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର, ବିଶ୍ୱଜିତ୍ ପଲାଇ, କାହ୍ନୁଚରଣ ଜେନା, ଫିରୋଜ ଶାହା ପ୍ରମୁଖ ଯୋଗ ଦେଇଥିବା ବେଳେ ଶିଶୁମନ୍ଦିରର ଗୁରୁଜୀ ଓ ଗୁରୁମା ସଞ୍ଜୟ କୁମାର ସେଠୀ, ଗୋପିକାରାଣୀ ଦେ, ମାମିନାରାଣୀ ପାଲ୍, ପ୍ରମିଳା ବେହେରା, ପ୍ରିତୀଜିନ୍ତା ମହାପାତ୍ର,ପ୍ରଶାନ୍ତ ଜେନା, ସରିତା ନାୟକ, ଜୟଶ୍ରୀ ବେହେରା ଓ କଳିଙ୍ଗ ଦତ୍ତ ପ୍ରମୁଖ ପରିଚାଳନା କାର୍ଯ୍ୟ ସମ୍ପାଦନ କରିଥିଲେ । ଶେଷରେ ସାମ୍ବାଦିକ ସଞ୍ଜୀବ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସଭାସାଙ୍ଗ କରିଥିଲେ ।

## ନଦୀରେ ବୁଡି ଯୁବକଙ୍କ ମୃତ୍ୟୁ

ଧର୍ମଶାଳା,(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କେଲୁଅ ନଦୀରେ ଗାଧୋଉଥିବା ବେଳେ ବୁଡିଯାଇ ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି ମୃତକ ଏହି ଥାନା ଉତରପ୍ରତାପ ପଂଚାୟତ ନହଙ୍ଗାପାଟଣା ଗ୍ରାମର ଅଜୟ ତରାଇଙ୍କ ପୁଅ ଅମର ତରାଇ( ୩୪) ବୋଲି ଜଣାପଡିଛି । ସେ ଆଜି ଦିନ ଗୋଟାଏ ସମୟରେ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଅସାବଧାନତା ବସତ ନଦୀର ଗଣ୍ଡରେ ଗୋଡ ଖସିଯିବାରୁ ସେ ବୁଡିଯାଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଧର୍ମଶାଳା ପୁଲିସ ଡାକ୍ତରଖାନାରେ ପହଁଚି ମୃତଦେହ ଜବତ କରିବା ସହ ୨ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

# ଏସ୍‌ୟୁଜେ ସ୍ମରଣିକା କମିଟିର ବୈଠକ

ଧର୍ମଶାଳା,(ପିଏନ୍): ଷ୍ଟେଟ ୟୁନିଅନ ଅଫ୍ ଜର୍ନାଲିଷ୍ଟସ ଓଡ଼ିଶା (ଏସୟୁଜେ)ର ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ବାର୍ଷିକ ଉତ୍ସବ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଉକ୍ତ କାର୍ଯ୍ୟକ୍ରମରେ ରାଜନୈତିକ ନେତୃବୃନ୍ଦ, ବରିଷ୍ଠ ସାମ୍ବାଦିକ ଅତିଥି ଭାବେ ଯୋଗ ଦେବାକୁ ଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାରୁ ୬ଶହରୁ ଅଧିକ ପ୍ରତିନିଧି ଉତ୍ସବରେ ଯୋଗ ଦେବେ ।ଏହି ଅବସରରେ ଏକ ତ୍ରିଭାଷୀ (ଓଡ଼ିଆ, ହିନ୍ଦୀ ଓ ଇଂରାଜୀ) ଭାଷାର ରଙ୍ଗୀନ ସ୍ମରଣିକା ପ୍ରକାଶ ପାଇବ । ଏସୟୁଜେ ଓଡ଼ିଶାର ଏହି ମୁଖପତ୍ରଟିକୁ ଯଥା ସମ୍ଭବ ଉଚ୍ଚକୋଟୀର ପ୍ରସ୍ତୁତ କରିବା ନିମନ୍ତେ ଶନିବାର ଦିନ ସ୍ମରଣିକା କମିଟିର ଏକ ବୈଠକ ଯାଜପୁର ଜିଲ୍ଲା ଜାରକା ସ୍ଥିତ ଧର୍ମଶାଳା ପ୍ରେସ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ କ୍ରମେ ସ୍ମରଣିକା ସମ୍ପାଦନା ମଣ୍ଡଳୀ ସଦସ୍ୟ ତଥା ରାଜ୍ୟ ଉପସଭାପତି ବାସୁଦେବ ତ୍ରିପାଠୀ, ରାଜ୍ୟ ଉପଦେଷ୍ଟା ଅକ୍ଷୟ କୁମାର ଦାଶ, ଜାତୀୟ ସାମ୍ବାଦିକ ସଙ୍ଘର ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଚିନ୍ତାମଣି ପାଢ଼ୀ, ଜିଲ୍ଲା ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ, ବରିଷ୍ଠ ସଭ୍ୟ ଅଖିଳ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ଲେଖା ଗୁଡିକ ଆସନ୍ତା ୨୦ ତାରିଖ ସୁଦ୍ଧା ପହଂଚିବ ବୋଲି ନିଷ୍ପତି ହୋଇଛି । ଶେଷରେ ଜିଲ୍ଲାର ବରିଷ୍ଠ ସଭ୍ୟ ମାନସ ରନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଆସନ୍ତା ୨୨ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତି ନିଆଯାଇଛି ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି ।

# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।



ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Bhubaneswar Sunday January 14, 2024 ଭୁବନେଶ୍ୱର ରବିବାର, ଜାନୁଆରୀ ୧୪,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସିମିଲିଗୁଡ଼ା ମିନି ଷ୍ଟାଡିୟମରେ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ



ସେମିଳିଗୁଡ଼ା,(ପି ଏ ନ): କୋରାପୁଟ ଜିଲ୍ଲା ସେମିଲିଗୁଡା ମିନି ଷ୍ଟାଡିୟମରେ ବ୍ଲକ ସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜନଜାତି ମହୋତ୍ସବ ଉଦଯାପିତ ହୋଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ କୋରାପୁଟ ଓ ସେମିଳିଗୁଡ଼ା ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବର ଉଦଯାପନୀ ଉତ୍ସବରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ଚ଼ନ୍ଦ୍ର ଶେଖର ମାଝୀ, ପଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ଈଶ୍ୱର ଚ଼ନ୍ଦ୍ର ପାଣିଗ୍ରାହୀ,ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ପାଙ୍ଗି,ଲାକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ,ସେମିଳିଗୁଡ଼ା ବ୍ଲକ ଅଧକ୍ଷ। ଲିଲି ଅର୍ଣ୍ଣବିରିଆ, ଉପାଧ୍ୟକ୍ଷ ଶିବା ବଙ୍ଗାରି, ସେମିଳିଗୁଡ଼ା ତହସିଲଦାର ଦେବବ୍ରତ କିରାଟେ,ବିଜେଡି ବ୍ଲକ ସଭାପତି ରାମ ଅର୍ଣ୍ଣାବିରିଆ, ମହିଳା ସଭାନେତ୍ରୀ ଲତା ରାୟ,ସେମିଲିଗୁଡା ବ୍ଲକ ସତନ୍ତ୍ର ବିକାଶ ପରିଷଦ, ସଭ୍ୟ ମହେଶ୍ୱର ଛେଦ ନାୟକ,ସମାଜସେବୀ ସୁନାମ ହନ୍ତାଳଙ୍କ ସହ ଅଞ୍ଚଳର ବହୁଗଣ୍ୟ ମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ସେମିଳିଗୁଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାର ମାନଙ୍କ ଦ୍ୱାରା ଆଦିବାସୀ ସଂସ୍କୃତି,ପରମ୍ପରାକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିବା ବେଳେ କଳାକାର ମାନଙ୍କ ଦ୍ୱାରା ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବାନ୍ଧି ରଖିଥିଲା।ଶେଷ ସନ୍ଧ୍ୟାରେ କଳାକାର ମାନଙ୍କ ସହ ବିଧାୟକ ନିଜେ ସାମିଲ ହୋଇ ବାଜାର ତାଳେ ତାଳେ ନୃତ୍ୟ କରୁଥିବା ଦୃଶ୍ୟ ବେଶ ଆକର୍ଷଣ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଏଥିତୀ ମାନଙ୍କ ତରଫରୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସାଂସ୍କୃତିକ ଦଳ ମାନଙ୍କୁ ପୁରସ୍କୃତ କରାଯାଇଥିଲା ମଞ୍ଚରେ ଆଦିବାସୀ ସମାଜର ମୁଖ୍ୟ ଲୋକଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସେମିଲିଗୁଡା ବ୍ଲକର ଜନଜାତି ବିଜେଡି କର୍ମୀ, ସରକାର କର୍ମଚ଼ାରୀ ମିଶନ ଶକ୍ତି, ମହିଳା, ପ୍ରମୁଖ ଯୋଗଦେଇ ଥିଲେ,

# ପିପିଏଲ ଡିଏଭି ସ୍କୁଲରେ ସନ୍ଥ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ତମ ଜୟନ୍ତୀ ପାଳନ




ପାରାଦୀପ,(ପି.ଏନ):ସନ୍ଥ ଦୟାନନ୍ଦ ସରସ୍ୱତୀ ଙ୍କ ୨୦୦ ତମ ଜୟନ୍ତୀ ଅବସରରେ ପିପିଏଲ ଡିଏଭି ସ୍କୁଲ ପରିସରରେ ସ୍କୁଲର ଅଧକ୍ଷ ସଞ୍ଜୀବ କୁମାର ସାହୁ ଙ୍କ ତତ୍ୱାବଧାନ ଓ ଇଣ୍ଡିଆନ ରେଡ଼ କ୍ରସ ସୋସାଇଟି ଓଡ଼ିଶାର ସହଯୋଗରେ ଏକ ବିଶାଳ ରକ୍ତଦାନ ଶିବିର ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ପିପିଏଲ ପରିଚ଼ାଳନା କମିଟିର ସି.ଏମ୍.ଓ ତଥା ୟୁନିଟ ମୁଖ୍ୟ ପଲାନିସାମୀ ଭେଲୁସମୀ ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ରକ୍ତଦାନ ଶିବିର କୁ ଉଦ୍ଘାଟନ କରିଥିଲେ। ସୁମିତ ସେନାପତି, ସିଜିଏମ,ଏଚ଼ଆର, ଆଇଆର, ସଂଗ୍ରାମ ସ୍ୱାଇଁ,ଜଏଣ୍ଟ ଜିଏମ,ଏଚ଼ଆର, ଅରୁଣକାନ୍ତି ଆଚ଼ାର୍ଯ୍ୟ ସିକ୍ୟୁରିଟି ଆଣ୍ଡ ଟାଉନ ଆଫେୟାର୍ସର ମୁଖ୍ୟ ଏବଂ ସଞ୍ଜୟ କେତନ ସେଠୀ ଜିଏମ୍,ଏଚ଼ଆର ପ୍ରମୁଖ ଏହି ଶିବିରରେ ଯୋଗଦେଇ ଶିବିରଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ସି.ଏମ୍.ଓ ଶ୍ରୀଯୁକ୍ତ ଭେଲୁସାମି ସର୍ବପ୍ରଥମେ ରକ୍ତଦାନ କରି "ରକ୍ତଦାନ ମହାପୂଣ୍ୟ"ର ବାର୍ତ୍ତା ବାଣ୍ଟିଥିଲେ। ଏହି ରକ୍ତଦାନ ଶିବିରରେ ବହୁ ରକ୍ତଦାତା ଓ ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ମଧ ରକ୍ତଦାନ କରିଥିଲେ। ଏଥିରେ ମୋଟ ୧୦୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ସବୁ ରକ୍ତଦାତାଙ୍କୁ ଇଣ୍ଡିଆନ ରେଡ଼କ୍ରସ ସୋସାଇଟି ଓଡ଼ିଶା, ତରଫରୁ ଓ ଡିଏଭି ପବ୍ଲିକ୍ ସ୍କୁଲ ପି.ପି.ଏଲ ତରଫରୁ ମାନପତ୍ର ଦେଇ ସମ୍ମାନିତ କରାଯିବା ସହ ବିଦ୍ୟାଳୟ ତରଫରୁ ପତ୍ରିକା ଅଭିଳାଷା ମଧ ପ୍ରଦାନ କରାଯାଇଥିଲା ।ଏହି ବିଶାଳ ରକ୍ତଦାନ ଶିବିର ସମାରୋହ ର ଶେଷ ପର୍ଯ୍ୟାୟରେ ବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ ସାହୁ ସମସ୍ତ ରକ୍ତଦାତାଙ୍କୁ ଗୋଟିଏ ଗୋଟିଏ ବୃକ୍ଷ ପ୍ରଦାନ କରି ରକ୍ତଦାତାଙ୍କ ପରି ବୃକ୍ଷ ମଧ ପ୍ରାଣକର୍ତ୍ତା ବୋଲି ବାର୍ତ୍ତା ପ୍ରଚ଼ାର କରିଛନ୍ତି।

# ବୈରାଗୀ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

ଧର୍ମଶାଳା, (ପିଏନ୍): ସମାଜସେବୀ ସ୍ୱର୍ଗତ ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଶନିବାର ଜାରକାସ୍ଥିତ କଳିଙ୍ଗ କ୍ଲବ ପରିସରରେ ହାଇସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ନେଇ ଶିକ୍ଷା ପ୍ରସାର କ୍ଷେତ୍ରରେ ବୈରାଗୀ ବିଶ୍ୱାଳ ଶିର୍ଷକ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଚାରକ ଭାବେ ବେଣୁଧର ନାୟକ, କାହ୍ନୁ ଚରଣ ଦାଶ, ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ । ଅନୁଷ୍ଠିତ ପ୍ରତିଯୋଗିତାରେ ରେସମା ଶତପଥୀ ପ୍ରଥମ, ଧର୍ମଶାଳା ବାଣୀପୀଠର ପ୍ରଲିପ୍ତା ପଲେଇ ଦ୍ୱିତୀୟ, ଲାଲବାହାଦୁର ହାଇସ୍କୁଲ କାଏମାରେ ଅଭିଲିପ୍ସା ରାଉତ ତୃତୀୟ ହୋଇଥିଲେ। ଆସନ୍ତା ୧୫ ତାରିଖରେ ସ୍ୱର୍ଗତ ବିଶ୍ୱାଳଙ୍କ ପଂଚଦଶ ଶ୍ରାଦ୍ଧ ଉତ୍ସବ କଳିଙ୍ଗ କ୍ଲବ ପରିସରରେ ଅନୁଷ୍ଠିତ ହେବ ।ଏଥିରେ ଅତିଥି ଭାବେ ଜିଲ୍ଲା ପରିଷଦର ପ୍ରାକ୍ତନ ଉପାଧ୍ୟକ୍ଷ ଦିଗମ୍ବର କର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ପ୍ରଭାକର ଶତପଥୀ, ଡା. ରୁଦ୍ରନାରାୟଣ ପୃଷ୍ଟି, ପୂର୍ବତନ ସିଡିଏମଓ ଡ. ବିଜୟ କୁମାର ଶତପଥୀ, ଆଇନଜୀବୀ ରାମଚନ୍ଦ୍ର ରାୟ ପ୍ରମୁଖ ଯୋଗଦେବେ । ଏହି ଉତ୍ସବରେ କୃତି ପ୍ରତିଯୋଗିଙ୍କ ସହ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବେଣୁଧର ନାୟକ, ସାରଳା ପୁରସ୍କାର ବିଜେତା ଗାଳ୍ପିକ ଭିମ ପୃଷ୍ଟି ଓ କୃଷକନେତା ବସନ୍ତ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସଭାପତି କିଶାନ ପଣ୍ଡା ଓ ସମ୍ପାଦକ କାହ୍ନୁ ଚରଣ ଦାଶ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଡକାୟତ ଗିରଫ, ଦେଶୀ ବନ୍ଧୁକ ଜବତ

ଧର୍ମଶାଳା,(ପିଏନ୍): ଧର୍ମଶାଳା ପୁଲିସ ଏକ ଦୁର୍ଦ୍ଧାନ୍ତ ଡକାୟତ କୁ ଗିରଫ କରିବାରେ ସଫଳ ହୋଇଛି । ଏଥିସହ ପୁଲିସ ତା ନିକଟ ରୁ ଗୋଟିଏ ଦେଶି ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ପଲସର୍ ବାଇକ, ଛୁରୀ, ପ୍ଲାସ, ଦୁଇଟି ମୋବାଇଲ ଓ ଡକାୟତିରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଗିରଫ ଡାକାୟତ ଗାମ ଜିଲ୍ଲା ବୁଗୁଡ଼ା ଥାନା ଗୋଳିଆ ଗ୍ରାମର ତୋଫାନ୍ ବିଷୋୟୀ ବୋଲି ଜଣାପଡିଛି । ଏହି ଡକାୟତ ଜଣକ ଏଟିଏମ ଲୁଟ କରିବା ସହ ଗାଡି ଲୁଟ ରେ ସମ୍ପୃକ୍ତ ରହିଥିବା ଜଣାପଡିଛି। ଗତ ୯ ତାରିଖ ଦିନ ଧର୍ମଶାଳା ପୋଲିସ ଗୋକର୍ଣେଶ୍ୱର ମନ୍ଦିର ନିକଟ ୧୬ନଂ ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ଏହି ଡକାୟତ ପୋଲିସ ଆଖିକୁ ଲଙ୍କା ଗୁଣ୍ଡ ପକାଇ ପଲସର ଗାଡି ଓ ମୋବାଇଲ କୁ ଛାଡି ଫେରାର ହୋଇଯାଇଥିଲା। ପୋଲିସ ମୋବାଇଲ କୁ ଟ୍ରାକ କରି ଚଣ୍ଡିଖୋଲ ଅଂଚଳରୁ ତାକୁ ଗିରଫ କରିଛି। ଗିରଫ ଡକାୟତ ଜଣେ ଜୁଡୋ ମାଷ୍ଟର ବୋଲି ଜଣାପଡିଛି । ଏନେଇ ପୁଲିସ ୩୨୩,୩୫.୩୦୭,୩୭୯ ଦଫାରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ଫେରାର ଥିବା ତାର ୨ ସାଥୀଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ କୃତି ଛାତ୍ରଛାତ୍ରୀଙ୍କୁ ମେଧାବୃି ଓ ପୁରସ୍କାର ପ୍ରଦାନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ମିର୍ଜାପୁର ପଞ୍ଚାୟତସ୍ଥିତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ ପ୍ରତିଭା ଅନେଶ୍ୱଣ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିକ୍ରମାଦିତ୍ୟା ଫାଉଣ୍ଡେସନର ଅଧକ୍ଷ ଡ଼କ୍ଟର ପୁରୁଷୋତମ ବିଶ୍ୱାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅବସରପ୍ରାପ୍ତ ଅଧାପକ ପ୍ରଶାନ୍ତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦଘାଟନ କରି ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରସନ୍ନ କୁମାର ପାଣିଗ୍ରାହୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ରଥ ପ୍ରମୁଖ ଯୋଗଦେଇ ଶିକ୍ଷା ହେଉଛି ସମାଜର ଦର୍ପଣ। ବିନା ଶିକ୍ଷାରେ ଗୋଟାଏ ଜାତିର ଅଗ୍ରଗତି ଅସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସାରସ୍ୱତ ସାଧକ ତଥା ଯୁବ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ ଅତିଥିମାନେ ଉତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଶିକ୍ଷୟତ୍ରୀ ସ୍ମିତାରାଣୀ ମହାପାତ୍ର ମହାପାତ୍ର ପାଠ କରିଥିଲେ । ଶିକ୍ଷକ ଡ଼କ୍ଟର ଅଜୟ କୁମାର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ରାଷ୍ଟ୍ର ନିର୍ମାଣରେ ବିଦ୍ୟାର୍ଥୀଙ୍କ ଭୂମିକା' ଉପରେ ଛାତ୍ରୀ ଅଙ୍କିତା ସ୍ୱାଇଁ ଓ ଦୀପ୍ତିରେଖା ସାମଲ ଆଲୋଚନା କରିଥିଲେ । ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହିତ ଅଷ୍ଟମ, ନବମୀ ଓ ଦଶମୀ ଶ୍ରେଣୀ ଛାତ୍ରୀଙ୍କୁ ମେଧାବୃତି ପ୍ରଦାନ କରିଥିଲେ । ଶିକ୍ଷୟତ୍ରୀ ସାୟଦା ଆମ୍ବାରିନ କାଦ୍ରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଶିକ୍ଷକ ସତ୍ୟଚରଣ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷକ ଦେବାଶିଷ ମିଶ୍ର, ଆନନ୍ଦ କୁମାର ମଲ୍ଲିକ,ପ୍ରତାପ କୁମାର ଜେନା, ରାମଚନ୍ଦ୍ର ନାୟକ, ଶିକ୍ଷୟତ୍ରୀ ପୂଜା ସେଠୀ, ନୀଳକଣ୍ଠେଶ୍ୱରୀ ସାହୁ, ମାଧବୀ ଶର୍ମା, ମଧୁସ୍ମିତା ଦାସ ପ୍ରମୁଖ କାର୍ଯକ୍ରମକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ । ଶିକ୍ଷକ ଦେବେନ୍ଦ୍ର କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

# ସୁନ୍ଦୁରିଆ ପ୍ରିମିୟର ଲିଗ, ଫାଇନାଲରେ ଧର୍ମଶାଳା ଇଲେଭେନ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ସୁନ୍ଦୁରିଆ ପଂଚାୟତରେ ନିୟୁ ଲାଇଫ କ୍ଲବ ପକ୍ଷରୁ ଚାଲିଥିବା ସୁନ୍ଦରିଆ ପ୍ରିମିୟର କ୍ରିକେଟ ଲିଗର ଆଜି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ବରୀକୁ ହରାଇ ଧର୍ମଶାଳା ଇଲେଭେନ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବରୀ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରେ ସମସ୍ତ ଉଇକେଟ ହରାଇ ୧୮୦ ରନ କରିଥିଲା । ଦଳ ପକ୍ଷରୁ ଭବାନୀ ଶଙ୍କର ୭୨ ରନ ସଂଗ୍ରହ କରିଥିଲେ । ଏହାର ଜବାବରେ ଧର୍ମଶାଳା ୧୨ ଓଭରରେ ୪ ଉଇକେଟ ହରାଇ ୧୮୧ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ରୋଶନ ରାୟ ୩୬ ବଲରେ ୧୧୭ ରନ ରନ କରି ମ୍ୟାନଅଫ ଦି ମ୍ୟାଚ ହୋଇଥରଲେ । ଆଜିର ଖେଳକୁ ସୁନିଲ ନାୟକ ଓ ମୃତ୍ୟୁଞ୍ଜୟ ବରାଳ ପରିଚାଳନା କରିଥିଲେ । ଆସନ୍ତା ୧୫ ତାରିଖ ସୋମବାର ଫାଇନଲ ମ୍ୟାଚ ଧର୍ମଶାଳା ଇଲେଭେନ ଓ ଜାରକା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ଅଲୁମନି ମିଟ୍






କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପରିସଂଖ୍ୟାନ ବିଭାଗର ଅଲୁମନି ମିଟ୍ ତା. ୧୩-୦୧-୨୦୨୪ ରିଖ ଦିନ ମହାବିଦ୍ୟାଳୟର ପରିସଂଖ୍ୟାନ ବିଭାଗ ହଲ୍ ରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ବିଭାଗୀୟ ମୁଖ୍ୟ ଶ୍ରୀମତୀ ମିନତିପ୍ରଭା ଜେନାଙ୍କ ଅଧକ୍ଷତାରେ ଏହି ସଭାରେ ବିଭିନ୍ନ ବ୍ୟାଚ଼ର ପ୍ରାୟ ୬୦ଜଣ ପ୍ରାକ୍ତନ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ସଭାରେ ସର୍ବସମ୍ମତ କ୍ରମେ ସଭାପତି ଭାବେ ୧୯୮୫-୮୭ବ୍ୟାଚ଼ର ସୁରେଶ ଚ଼ନ୍ଦ୍ର କର ଓ ସାଧାରଣ ସମ୍ପାଦକ ଭାବରେ ୨୦୦୫-୦୮ ବ୍ୟାଚ଼ର ଡ଼ଃ. ଭବାନୀ ଶଙ୍କର ମହାନ୍ତି ନିର୍ବାଚ଼ିତ ହୋଇଛନ୍ତି। ପରିସଂଖ୍ୟାନ ବିଷୟର ପ୍ରୟୋଗାତ୍ମକ ଦିଗ ଓ ଆବଶ୍ୟକତା ଉପରେ ବିଶେଷ ଆଲୋକପାତ କରାଯିବା ସହିତ ଆଗାମୀ ବର୍ଷମାନଙ୍କରେ ଏହି ଆଲୁମନି କାର୍ଯ୍ୟକ୍ରମରେ ଅଧିକରୁଅଧିକ ପ୍ରାକ୍ତନ ଛାତ୍ରଛାତ୍ରୀମାନଙ୍କର ଯୋଗଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାସହିତ ଆଗାମୀ ବର୍ଷରୁ ବିଭାଗର ଶ୍ରେଷ୍ଠ ଛାତ୍ର/ଛାତ୍ରୀଙ୍କୁ ବିଶେଷଭାବ? ପୁରସ୍କୃତ କରାଯିବାକୁ ସ୍ଥିରୀକୃତ ହେଲା।ଏହି ସଭାରେ ବିଭାଗର କାର୍ଯ୍ୟରତ ଅଧାପିକା ଓ ଅଧାପକ ବୃନ୍ଦ, ଶ୍ରୀମତୀ ମିନତୀପ୍ରଭା ଜେନା, ଡ଼ଃ. ପୌର୍ଣ୍ଣମାସୀ ପଣ୍ଡା ଓ ଶ୍ରୀଯୁକ୍ତ ଅଜୟ କିଶୋର ଦାସ ଓ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସହଯୋଗ କରି ସଭାକୁ ସଫଳ କରିଥିଲେ।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray